## ଅଜଗର ସାପ ଉଦ୍ଧାର

ଗୁଣପୁର, (ପ୍ରଦୀପ କୁମାର ପାଢ଼ୀ) - ଗୁଣପୁର ସହର ବାଣିଶ୍ରୀ ବିହାର ଅଞ୍ଚଳରୁ ରବିବାର ରାତିରେ ଏକ ବିଶାଳକାୟ ଅଜଗର ସାପ ଉଦ୍ଧାର କରାଯାଇଛି। ସେହି ପ୍ରଫୁଲ୍ଲ କୁମାର ଶତପଥୀଙ୍କ ଘର ବାହାରେ ଏହି ଅଜଗର ସାପ ଥିବା ଦେଖି ବନ କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲା। ବନ କର୍ମଚାରୀ ଆସି ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ।

## ସଂକ୍ଷେପରେ

### ଗୌରୀ ମିଶ୍ର ହତ୍ୟା ମାମଲା, ଆଉ ଜଣେ ଅଟକ

ଗୁଣପୁର,୩।୭ (ପ୍ରଦୀପ କୁମାର ପାଢ଼ୀ)- ବହୁ ଚର୍ଚ୍ଚିତ ଗୌରୀ ମିଶ୍ର ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ସୋମବାର ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଟକଥିବା ଯୁବକ ଜଣକ ହେଲେ ଗଜପତି ଜିଲା ଆର ଉଦୟଗିରି ଅଞ୍ଚଳର ମୁନା ଲିମା ( ୩୦)। ଗୁଣପୁରର ଭି ରାଜେଶ, ଛତ୍ରପୁର ଅଞ୍ଚଳର କାହ୍ନୁ ପ୍ରଧାନ ଓ ମୁନା ୩ ଜଣ ସୁପାରିକିଲର ଭାବେ ବାଇକ୍ ଯୋଗେ ଆସି ଗୌରୀ ମିଶ୍ରଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ତେବେ ଗତ ୧୯ ତାରିଖରେ ଭି.ରାଜେଶଙ୍କୁ ହତ୍ୟା କରାଯାଇଥିବା ବେଳେ ସୋମବାର ଆରଉଦୟଗିରିରୁ ମୁନା କୁ କାବୁ କରିବାରେ ପୋଲିସ ସକ୍ଷମ ହୋଇଛି । ଅନ୍ୟପକ୍ଷରେ ଛତ୍ରପୁରର କାହ୍ନୁ ପ୍ରଧାନ ବର୍ତ୍ତମାନ ଯାଏ ଫେରାର ରହିଛି। ଏହି ମାମଲାରେ ୯ ଜଣଙ୍କୁ କୋର୍ଟଚାଲାଣ କରିଛି।

### ଇସ୍ତଫା ଦେଲେ ଶରଧାପୁର ସରପଞ୍ଚ

ମୁନିଗୁଡ଼ା,୩।୭ (ରାଧେଶ୍ୟାମ ଅଗ୍ରୱାଲ)- ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଶରଧାପୁର ପଞ୍ଚାୟତର ସରପଞ୍ଚ ରୁପୁଲି ସିହିଡିଆ ନିଜର ସାସ୍ଥ୍ୟଗତ କାରଣ ଦର୍ଶାଇ ସୋମବାର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସୋମବାର କିଛି ସମର୍ଥକଙ୍କ ସହିତ ସେ ମୁନିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ପ୍ରୀତମ କୁମାର ତନ୍ତିଙ୍କ ଜରିଆରେ ଗୁଣପୁର ଉପଜିଲାପାଳଙ୍କ ନିକଟକୁ ସେ ଇସ୍ତଫାପତ୍ର ପଠାଇଛନ୍ତି। ସୂଚନା ଅନୁଯାୟୀ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସିହିଡ଼ିଆ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୦୦ରୁ ଅଧିକ ଭୋଟ ବ୍ୟବଧାନରେ ହରାଇ ସରପଞ୍ଚ ପଦ ହାତେଇଥିଲେ। ଏହି ଅଳ୍ପ ସମୟ କାର୍ଯ୍ୟକାଳ ମଧ୍ୟରେ ସେ ସାଧାରଣ ଲୋକ ଓ ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ କାର୍ଯ୍ୟ ଜାରି ରଖିଥିଲେ। ହେଲେ ଏବେ ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାରୁ ସେ ପର୍ଯ୍ୟାପ୍ତ ସମୟ ପଞ୍ଚାୟତ ପାଇଁ ଦେବାକୁ ସକ୍ଷମ ହେଉନାହାନ୍ତି। ତେଣୁ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ଶ୍ରେୟ ମନେକରି ଶରଧାପୁର ପଞ୍ଚାୟତର ଉନ୍ନୟନ ପ୍ରକ୍ରିୟାରେ ବାଧା ନ ରହୁ, ସାଧାରଣ ଲୋକେ ସମସ୍ତ ସୁବିଧା ପାଆନ୍ତୁ ଏହା ହିଁ ତାଙ୍କର ଇଚ୍ଛା ବୋଲି ସେ କହିଥିଲେ। ଏବେ ଗୁଣୁପୁର ଉପଜିଲାପାଳଙ୍କ ନିର୍ଦ୍ଦେଶ ଆସିବା ପରେ ନୂତନ ସରପଞ୍ଚ ନିର୍ବାଚିତ ନ ହେବା ପର୍ଯ୍ୟନ୍ତ ନାଏବ ସରପଞ୍ଚ ସରପଞ୍ଚଙ୍କ ସମସ୍ତ ଦାୟିତ୍ୱ ତୁଲାଇବେ ବୋଲି ଶୁଣିବାକୁ ମିଳୁଛି।

### ମୁକୁନ୍ଦପୁରକୁ ପଞ୍ଚାୟତ ସମିତି ଘୋଷଣା ଦାବି

୫-ଟି ସଚିବଙ୍କୁ ଚିଠି ଲେଖିଲେ ଆଇନଜୀବୀ

ରାୟଗଡା,୩।୭ (ଭାଗ୍ୟଶ୍ରୀ ମିଶ୍ର)- ମୁକୁନ୍ଦପୁରକୁ ପଞ୍ଚାୟତ ସମିତି ଘୋଷଣା ଦାବି ନେଇ ସୋମବାର ରାୟଗଡାର ଜଣେ ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ, ଲୋକସଭା ସଦସ୍ୟ, ଅନୁସୂଚିତ ଜାତି ଜନଜାତି ସଂଖ୍ୟା ଲଘୁ ସମ୍ପ୍ରଦାୟ ମନ୍ତ୍ରୀ ଜଗନାଥ ସାରକା, ରେଭିନ୍ୟୁ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ଏବଂ ରାୟଗଡା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଚିଠିରେ ଏକ ନକଲ ପଠାଇଛନ୍ତି। ସୂଚନାଯୋଗ୍ୟ ଯେ, ମୁକୁନ୍ଦପୁରରେ ୭ଟି ଗ୍ରାମପଞ୍ଚାୟତ ରେଖା ପଦର, କୋଇଲାସପୁର୍, ବାଙ୍କିଲି, ହଟିଡି, ବଇମାଡ, କାଟୀକଣା ଆଦି ରହିଛି। ସେହିପରି ମୁକୁନ୍ଦପୁର୍‌ରେ ୪୦ ହଜାର ଜନସଂଖ୍ୟା ରହିଥିବା ବେଳେ ୩୦ ହଜାର ଭୋଟର ରହିଛନ୍ତି। ବର୍ତ୍ତମାନ ମୁକୁନ୍ଦପୁରର ସମସ୍ତ କାର୍ଯ୍ୟ କୋଲନରା ବ୍ଲକ ଅଧୀନରେ ହେଉଛି। ତେବେ କୋଲନରାରୁ ମୁକୁନ୍ଦପୁର ଏବଂ ଗ୍ରାମ ଗୁଡିକ ଅନେକ ଦୂର ହୋଇଥିବାରୁ ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି ଏବଂ ହଇରାଣ ହେବାକୁ ପଡୁଛି ବୋଲି କହିଛନ୍ତି ଆଇନଜୀବୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

# ନୋଟିସ୍ ନାକଚ କରିବାକୁ ଜିଲାପାଳଙ୍କୁ ଦାବିପତ୍ର

- କାଳୀ ମନ୍ଦିର ମାପଚୁପ ପ୍ରସଙ୍ଗରେ ବୈଠକ ଡାକିବାକୁ ଦାବି
- ମନ୍ଦିରର କୌଣସି କ୍ଷତି କରିବା ଚିନ୍ତାଧାରା ନାହିଁ : ଜିଲାପାଳ

ରାୟଗଡ଼ା,୩।୭(ଆଶିଷ ରଞ୍ଜନ ପଣ୍ଡା)

ପ୍ରସିଦ୍ଧ କାଳୀ ମନ୍ଦିର ଉଚ୍ଚତାକୁ ନେଇ ବିବାଦ ଘନେଇବାରେ ଲାଗିଛି। ସହରର ଶତାଧିକ ଶ୍ରଦ୍ଧାଳୁ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି କାଳୀ ମନ୍ଦିର ମାପଚୁପ ପ୍ରସଙ୍ଗକୁ ନେଇ ଅଭିଯୋଗ କରିଛନ୍ତି । ଆବଶ୍ୟକ ପଡ଼ିଲେ ଶ୍ରଦ୍ଧାଳୁ ରାସ୍ତାକୁ ଓହ୍ଲାଇବେ ବୋଲି ମତ ପ୍ରକାଶ ପାଇଛି। ତେବେ କାଳୀ ମନ୍ଦିର ମାପଚୁପ ଘଟଣାରେ ସହରବାସୀ ଓ ଶ୍ରଦ୍ଧାଳୁଙ୍କ ବିରୋଧ ଯୋଗୁ ଜିଲା ପ୍ରଶାସନ ନରମିଥିବା ବେଳେ ପୋଲିସ ନୀରବତା ଅବଲମ୍ବନ କରିଛି । ଅନ୍ୟପକ୍ଷେ ମନ୍ଦିର ନାମରେ ଜମିପଟ୍ଟା ପ୍ରଦାନ ପାଇଁ ଉଦ୍ୟମ କରାଯିବ ବୋଲି ଜିଲାପାଳ ସ୍ୱାଧାଦେବ ସିଂ ସୋମବାର ଅଭିଯୋଗ ପ୍ରକୋଷ୍ଠରେ ପ୍ରକାଶ କରିଛନ୍ତି । ଜିଲାପାଳଙ୍କ ଏହି ମନ୍ତବ୍ୟ ଶ୍ରଦ୍ଧାଳୁଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି । ଅନ୍ୟପକ୍ଷରେ ମନ୍ଦିର ଉଚ୍ଚତାକୁ ନେଇ ପ୍ରଶ୍ନ ଉଠାଇବା ସହ ମାପଚୁପ କାର୍ଯ୍ୟାନୁଷ୍ଠାନ କାରଣରୁ ପୋଲିସ ବିରୋଧରେ ଉଠିଛି ସ୍ୱର। ଧର୍ମୀୟ ଭାବନା ଓ ମନ୍ଦିର ପ୍ରତି ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି।


ଜିଲାପାଳଙ୍କୁ ଲୋକମାନେ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ।

ଶ୍ରଦ୍ଧାଳୁମାନେ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି ଯେ, ଶନିବାର ରାଜସ୍ୱ ବିଭାଗ କର୍ମଚାରୀ ମନ୍ଦିର ନିକଟକୁ ଆସି ମାପଚୁପ କରିଥିଲେ। ମାପଚୁପ କାରଣ ପଚରାଯିବାରୁ ସେମାନେ ଏସ୍‌ପିଙ୍କ ଦସ୍ତଖତ ଓ ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିବା ଏକ ଚିଠି ଦେଖାଇଥିଲେ। ଉକ୍ତ ଚିଠିରେ ମନ୍ଦିର ଉଚ୍ଚତା ଓ ଜମିକୁ ନେଇ ପ୍ରଶ୍ନ କରାଯାଇଛି। ଏଭଳିକି ମନ୍ଦିର ପରିଚାଳନା କମିଟି ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କଥା ମଧ୍ୟ ଉଲ୍ଲେଖ ରହିଛି। ମନ୍ଦିର ପ୍ରତି ଏଭଳି ଚିଠି କରିବା ଜିଲାର ଆସ୍ଥା ଓ ଧାର୍ମୀକ ଭାବନା ପ୍ରତି କୁଠାରଘାତ କରୁଛି ବୋଲି ସହରରର ଶ୍ରଦ୍ଧାଳୁ ଲିଖିତ ଭାବରେ ଜଣାଇଛନ୍ତି। ମନ୍ଦିର ଓ ପୂଜା କମିଟି ବିରୋଧରେ ହୋଇଥିବା ନିର୍ଦ୍ଦେଶନାମା ଓ ନୋଟିସ କୁ ନାକଚ କରିବା ସହ ଜଣସାଧାରଣ ଓ ଏହାର ଭକ୍ତଙ୍କ ସହ ସମନ୍ୱୟ ରକ୍ଷା କରି ଏକ ବୈଠକ ଡାକିବାକୁ ଶ୍ରଦ୍ଧାଳୁମାନେ ନିବେଦନ କରିଛନ୍ତି । ଅନ୍ୟପକ୍ଷେ ସହରରେ ଅନେକ ବେଆଇନ ଆପାର୍ଟମେଣ୍ଟ ରହିଥିବା ବେଳେ ସେଗୁଡ଼ିକ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ କାଳୀ ମନ୍ଦିରର ଉଚ୍ଚତାକୁ ନେଇ କେଉଁ ଉଦ୍ଦେଶ୍ୟରେ ପ୍ରଶ୍ନ କରାଯାଇଥିଲା ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି । ତେବେ ବିବାଦ ବଢୁଥିବା କାରଣରୁ ଜିଲାପାଳ ସିଂ କହିଥିଲେ ଯେ, ପ୍ରଶାସନ ମନ୍ଦିର ବିକାଶ କରିବା ପାଇଁ ମାପଚୁପ କରୁଥିଲା । ସେହି ଜାଗା ମନ୍ଦିର ନାମରେ କରିବା ପାଇଁ ଉଦ୍ୟମ ହେବ। ମନ୍ଦିର ଭାଙ୍ଗିବା କିମ୍ବା ଅନ୍ୟ କୌଣସି ଚିନ୍ତାଧାରା ନାହିଁ ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ ସମୟରେ ଭାଜପା ନେତା କିଶୋର ପଣ୍ଡା, କାଉନସିଲର ସନ୍ତୋଷ ଦଳାଇ, ଆମ ଆଦମି ପାର୍ଟି ନେତା ଜନ୍ମେଜୟ ସ୍ୱାଇଁ, ଖବରଦାତା ଦୀପକ ପୃଷ୍ଟି, ଗୋପ ରଞ୍ଜନ ବଳ୍ପିପାତ୍ର, ସଂଗ୍ରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ମନ୍ଦିରର ମାପଚୁପ ଓ ଏହିଭଳି ଚିଠି କାରଣରୁ ସହରରେ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ହେଲେ ଜିଲାପାଳଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ମନ୍ଦିର କମିଟି ଜିଲା ପ୍ରଶାସନକୁ ସାଧୁବାଦ ଜଣାଇଛି ।

# କୌଣସି ଓକିଲ ମାମଲା ନ ଲଢିବାକୁ ନିବେଦନ

ଗୁଣପୁର,୩।୭ (ପ୍ରଦୀପ କୁମାର ପାଢ଼ୀ)

### ଗୌରୀ ମିଶ୍ରଙ୍କ ପରିବାରକୁ ସମବେଦନା ଜଣାଇଲେ ଏସ୍‌ପି

ସ୍ୱେଚ୍ଛାସେବୀ ସଂସ୍ଥାର ନିର୍ଦ୍ଦେଶକ ଗୌରୀ ମିଶ୍ରଙ୍କ ହତ୍ୟା ମାମଲାରେ ସମସ୍ତ ୯ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ହତ୍ୟାକାଣ୍ଡର ୫୦ ଦିନ ପରେ ରାୟଗଡା ଏସ୍‌ପି ବିବେକାନନ୍ଦ ଶର୍ମା ଗୌରୀ ମିଶ୍ରଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସୋମବାର ଏସ୍‌ପି ଶର୍ମା ଗୌରୀଙ୍କ ଘରକୁ ଯାଇ ତାଙ୍କ ମା’ ହେମଲତା ମିଶ୍ର (୮୧)ଙ୍କୁ ଭେଟି ସାନ୍ତ୍ୱନା ଦେଇଥିଲେ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ଏସପି ମଧ୍ୟ ଆଇନ ଅନଯାୟୀ ଅଭିଯୁକ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟପଟେ ଗୌରୀଙ୍କ ମା’ ହେମଲତା ଏବଂ ଭାଇ ପ୍ରଦୀପ ମିଶ୍ର ଓକିଲ ସଂଘର ସଭାପତିଙ୍କ ଉଦ୍ଦେଶ୍ୟରେ ପତ୍ର ଲେଖି ଅଭିଯୁକ୍ତଙ୍କ ସପକ୍ଷରେ କୌଣସି ଓକିଲ ମାମଲା ନ ଲଢ଼ିବା ପାଇଁ ଅପିଲ କରିଛନ୍ତି।

# ଠିକାଦାର କାମରେ ବ୍ୟସ୍ତ ଶିକ୍ଷକ, ସ୍କୁଲକୁ ଯାଉ ନ ଥିବା ଅଭିଯୋଗ

ଚନ୍ଦ୍ରପୁର,୩।୭ (ବିଜୟ ପ୍ରସାଦ ଉଲ୍ଲାକା)

ଚନ୍ଦ୍ରପୁର ବ୍ଲକର ବିଜାପୁର ପଞ୍ଚାୟତ କାମିପଦର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷକ ନିୟମିତ ସ୍କୁଲକୁ ଯାଉ ନ ଥିବା ଅଭିଯୋଗ ହୋଇଛି। ତାଙ୍କ ବଦଳରେ ଜଣେ ସହକର୍ମୀଙ୍କୁ ପିଲାଙ୍କୁ ପାଠପଢ଼ାଇବାକୁ ପଠାଉଥିବା ଜଣାଯାଇଛି। ତେବେ ସମ୍ପୃକ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନନ୍ଦ ସ୍ଥାନୀୟ ଅଞ୍ଚଳରେ ଜଣେ ଠିକାଦାର ଭାବେ ବେଶ୍ ଜଣାଶୁଣା ।

ଗତ ୩ ବର୍ଷ ତଳେ ମନରେଗା ଯୋଜନାରେ ବିଜେପୁର ପଞ୍ଚାୟତର ସୁରୁଲୁଠାରୁ ସାନ ପଙ୍କାଳ ରାସ୍ତା କାମ ଠିକାରେ ନେଇଥିଲେ। ତେବେ ଏହି କାମରେ ଶ୍ରମିକଙ୍କ ବଦଳରେ ଜେସିବି ମେଶିନ ଦ୍ୱାରା କାମକରି ବହୁ ଅର୍ଥ ବାଟମାରଣା କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ନିମ୍ନମାନର କାମ ଯୋଗୁ ସାମାନ୍ୟ ବର୍ଷାରେ ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇ ନଷ୍ଟ ହେବାକୁ ବସିଲାଣି। ଅଞ୍ଚଳବାସୀଙ୍କ ଅଭିଯୋଗକ୍ରମେ, ମନରେଗା ଯୋଜନାର ଲୋକପାଳ ଆସି ଘଟଣାର ତଦନ୍ତ କରି ଫେରିଛନ୍ତି। ଶିକ୍ଷକ ଜଣକ ସ୍କୁଲକୁ ନ ଯିବା ନେଇ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କୋଇନ କିମାକା ବହୁବାର ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେ କହିଛନ୍ତି। ଶିକ୍ଷା ବିଭାଗର ସମ୍ପୃକ୍ତ ଶିକ୍ଷକଙ୍କ ପ୍ରତି ଏତେ ଅନୁକମ୍ପା କାହିଁକି ବୋଲି ବ୍ଲକ୍ ଅଧ୍ୟକ୍ଷ ପ୍ରଶ୍ନ କରିଛନ୍ତି। ଖୁବଶୀଘ୍ର ରାୟଗଡା ଜିଲାପାଳଙ୍କୁ ଭେଟି ଶିକ୍ଷକଙ୍କ ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଅନୁରୋଧ କରିବେ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଚନ୍ଦ୍ରପୁର ବ୍ଲକ ଶିକ୍ଷାଧିକାରୀ ସୁବାସ ଶବରଙ୍କୁ ପଚାରିବାରୁ ସେ ଜିଲା ଶିକ୍ଷଧିକାରୀଙ୍କୁ ଜଣାଇ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କୁ ପଚାରିବାରୁ ଅଭିଯୋଗ ମିଥ୍ୟା ବୋଲି କହିଛନ୍ତି।

# ‘୫୦ବର୍ଷରେ ଗୁଣପୁର କଲେଜ: ସୁଯୋଗ ଓ ଆହ୍ୱାନ’ ସମ୍ପର୍କିତ ଆଲୋଚନାଚକ୍ର

ଗୁଣପୁର,୩।୭ (ପ୍ରଦୀପ କୁମାର ପାଢ଼ୀ)

### ଗୁଣପୁର ମହାବିଦ୍ୟାଳୟର ୫୦ତମ ପ୍ରତିଷ୍ଠା ଦିବସ

ରାୟଗଡା ଜିଲା ଗୁଣପୁର ମହାବିଦ୍ୟାଳୟର ୫୦ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ୫୦ ବର୍ଷର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଏନଏସଏସ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ପରେ ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ମୋହନ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ‘୫୦ ବର୍ଷରେ ଗୁଣପୁର ମହାବିଦ୍ୟାଳୟ: ସୁଯୋଗ ଓ ଆହ୍ୱାନ’ ସମ୍ପର୍କିତ ଆଲୋଚନାଚକ୍ରରେ ଛାତ୍ରୀଛାତ୍ର ନିଜ ନିଜର ବକ୍ତବ୍ୟ ରଖିଥିଲେ।

ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଟି. ସୁଦର୍ଶନ ରାଓ ମୁଖ୍ୟଅତିଥି ରୂପେ ଯୋଗଦେଇ ଗୁଣପୁର ମହାବିଦ୍ୟାଳୟର ଐତିହ୍ୟ ତଥା ଗୌରବ ବିଷୟରେ କହିବା ସହିତ ଭବିଷ୍ୟତରେ ଏହାର ସୁନାମ ରକ୍ଷା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଶଶୀଭୂଷଣ ମହାନ୍ତି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ହୋଇଆସିଥିବା ଉନ୍ନତି ତଥା ଅନୁଷ୍ଠାନର ଗୌରବମୟ ଇତିହାସ ସମ୍ପର୍କରେ ସମ୍ୟକ ବିବରଣୀ ରଖିଥିଲେ। ସେହିପରି ଛାତ୍ର ମନୋଜ କୁମାର ଦୋରା, ଶକ୍ତିମୟ ଶତପଥୀ, ଛାତ୍ରୀ ଶ୍ରୀୟା ସେନାପତି ଓ ଯଶସ୍ୱିନୀ ପାଢୀ ଆଲୋଚନାଚକ୍ରରେ ଭାଗନେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ବିଶବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁଣପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଗାୟତ୍ରୀ ଦାଶ ଦ୍ୱିତୀୟ ସ୍ଥାନ, ମାନସ କୁମାର ରାଜୁ ତୃତୀୟ ସ୍ଥାନ ଓ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଲାକୋଜି ଅନୀଲ ଅଷ୍ଟମ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଅମୀୟ ରଞ୍ଜନ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ ଅଧ୍ୟାପକ ଜଗନ୍ନାଥ ଦ୍ୱୀପ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଟି. ସୁଦର୍ଶନ ରାଓଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାପକ ଡ. ସୂର୍ଯ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


ଛାତ୍ରୀ ଗାୟତ୍ରୀ ଦାସଙ୍କୁ ସମ୍ମାନିତ କରାଯାଉଛି ।

# ସେଞ୍ଚୁରିଆନ ଶିକ୍ଷାନୁଷ୍ଠାନରେ ଗୁରୁପୂର୍ଣ୍ଣିମା

ରାୟଗଡା,୩।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହର ଉପଖଣ୍ଡ ପିତାମହଲସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ଆଚାର୍ଯ୍ୟ ରାଜେଶ ଯୋଗଦେଇ ପୌରାଣିକ ସମୟର ବିଭିନ୍ନ ଗୁରୁଙ୍କ ବିଷୟରେ ଆଲୋକପାତ କରିବା ସହ ହୋମଯଜ୍ଞ କରି ସମସ୍ତଙ୍କ ମଧ୍ୟରେ ଆଧାତ୍ମିକ ଚେତନା ସୃଷ୍ଟି କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରାଧାକୃଷ୍ଣ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କ ବିଷୟରେ ଛାତ୍ରଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେହପରି ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୁରୁପୂର୍ଣ୍ଣିମାର ମହତ୍ତ୍ୱ ଓ ଜୀବନରେ ଗୁରୁଙ୍କ ଆବଶ୍ୟତା ସମ୍ପର୍କରେ ଛାତ୍ରଛାତ୍ରଙ୍କୁ ବୁଝାଇଥିଲେ।

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ



ଗୁଣପୁର,୩।୭ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ପ୍ରତିଶୃତି ସିଂ ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର ଦୁଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ବେହେରା ଏବଂ ସବିତା ଶବର, ସିଆରସିସି, ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଫୁଲତୋଡା ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରତିଶ୍ରୁତି ସିଂ ପୂର୍ବରୁ ବାଲେଶ୍ୱର ଜିଲା ବରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ରାମନାଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଶୁଜନ ମଲିକ ଗୁଣୁପୁର ବ୍ଲକ ଶିକ୍ଷା ଅଧିକାରୀ ଭାବେ ୨୦୨୧ ମାର୍ଚ୍ଚ ମାସ ଠାରୁ ଅତିରିକ୍ତ ଦାୟିତ୍ୱରେ ଥିଲେ।

# ଆଇନଶୃଙ୍ଖଳା ରକ୍ଷା ଦିଗରେ ଦୃଷ୍ଟି ଦେବାକୁ ଏସ୍‌ପିଙ୍କ ପ୍ରତିଶ୍ରୁତି

ଗୁଣପୁର୩।୭ (ପ୍ରଦୀପ କୁମାର ପାଢ଼ୀ)

### ଗୁଣପୁର ଥାନାରେ ଆମ ପୋଲିସ ସମିତି ବୈଠକ

ଗୁଣପୁର ଆଦର୍ଶ ଥାନା ପରିସରରେ ସୋମବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଅକ୍ଷୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର, ଗାନ୍ଧୀ ବିଶ୍ୱ ବିଦ୍ୟାଳୟର ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ଆଇଆଇସି ନୀଳାମ୍ବର ଜାନି ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ସମିତିର ସକ୍ରିୟ ସଦସ୍ୟ ଏସ୍ ବାବା ପ୍ରସାଦ, ରମେଶ ଲିମା, ପ୍ରଶାନ୍ତ ହୋତା, ଶକ୍ତି ଦାସ ପ୍ରମୁଖ ସହରରେ ଆଇନ ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ପାଇଁ ଦାବି କରିଥିଲେ। ସମସ୍ତ ଦାବିପୂରଣ ଦିଗରେ ଦୃଷ୍ଟି ଦେବେ ବୋଲି ଏସ୍‌ପି ଶର୍ମା ପ୍ରତିଶ୍ରୁତି ଦେବା ସହ ପୋଲିସ ଓ ସହରବାସୀ ମିଳିତ ସହଯୋଗ ରହିଲେ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରହିବ ବୋଲି କହିଥିଲେ। ଟ୍ରାଫିକ ବ୍ୟବସ୍ଥା ସୁଧାରିବା, ନିୟମିତ ପୋଲିସ ପେଟ୍ରୋଲିଂ କରାଯିବା, ଥାନାରେ ଅଧିକା କର୍ମଚାରୀ ନିଯୁକ୍ତ, ଅସାମାଜିକ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ପୁରୁଣା ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ କରିବା, ସ୍କୁଲ ସମୟରେ ଭାରିଯାନଗୁଡିକ ସହର ମଧ୍ୟକୁ ପ୍ରବେଶ ଉପରେ କଟକଣା ଲାଗୁ କରିବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଗୁଣପୁର ସହରରେ ହୋଇଥିବା ଲୋମହର୍ଷଣକାରୀ ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ କରିଥିବାରୁ ଏସ୍‌ପି ଓ ସମସ୍ତ ପୋଲିସ ଅଧିକାରୀଙ୍କୁ ସମିତି ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପୋଲିସର ଏହି ସଫଳତା ପାଇ ଏସ୍‌ପି ଶର୍ମା ଆଦର୍ଶ ଥାନାର ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।



ଆମ ପୋଲିସ ସମିତି ବୈଠକରେ ଏସ୍‌ପି ଉଦବୋଧନ ଦେଉଛନ୍ତି।

# ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ସଚେତନ କାର୍ଯ୍ୟକ୍ରମ

ଟିକିରି ୩।୭ (ପ୍ରଫୁଲ୍ଲ କୁମାର ବେହେରା)


ଶିବିରରେ ମଞ୍ଚାସୀନ ଅତିଥିମାନେ ।

କାଶୀପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗ ଅଦାଲତଠାରେ ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ତଥା କାଶୀପୁର ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ଶୋଭନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ସମ୍ବିଧାନରେ ନାଗରିକ ମୌଳିକ କର୍ତ୍ତବ୍ୟ ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସାମ୍ବିଧାନିକ ପଦ୍ଧତିରେ ସମ୍ବିଧାନକୁ ସମ୍ମାନ ଏବଂ ରାଷ୍ଟ୍ର ଧ୍ୱଜ ଓ ରାଷ୍ଟ୍ର ଗାନକୁ ଆଦର ସମ୍ମାନ କରିବା, ସ୍ୱତନ୍ତ୍ରତା ପାଇଁ ବଳିଦାନ ଦେଇଥିବା ବ୍ୟକ୍ତି ଓ ତାଙ୍କ କାର୍ଯ୍ୟକୁ ସମ୍ମାନ କରିବା, ଭାରତର ସର୍ବଭୌମତ୍ୱ, ଏକତା ଓ ଅଖଣ୍ଡତା ଏବଂ ମର୍ଯ୍ୟାଦା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଶୀପୁର ଓକିଲ ସଂଘ ସଭାପତି କହ୍ନେଇଲାଲ ଜୈନ, କରମଚାନ୍ଦ ପ୍ରଧାନ, ଉପସଭାପତି ପ୍ରେମାନନ୍ଦ ନାଏକ, ଲକ୍ଷ୍ମୀକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ରାୟଗଡ଼ାରେ ପହଞ୍ଚିଲା ୨୪୦୦ ଭି ଭି ପାର୍ଟ ମେଶିନ

ରାୟଗଡା, ୩।୭ (ଭାଗ୍ୟଶ୍ରୀ ମିଶ୍ର)

### ସାଧାରଣ ନିର୍ବାଚନ ପାଇଁ ସଜବାଜ

ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ହାଇଦ୍ରାବାଦର ଇସିଆଇଏଲ ନାମକ ଭିଭି ପାର୍ଟ ନିର୍ମାଣ କମ୍ପାନୀ ପକ୍ଷରୁ ୨୪୦୦ ଭିଭି ପାର୍ଟ ମେଶିନ ସୋମବାର ରାୟଗଡ଼ାରେ ପହଞ୍ଚିଛି। ଜିଲାପାଳ ସ୍ୱାଧାଦେବ ସିଂ ଏଭିଏମ ଓ ଭି ଭି ପାର୍ଟ ମେଶିନର ଜିଲାସ୍ତରୀୟ ଗୋଦାମରେ ପହଞ୍ଚ ତଦାରଖ କରିଛନ୍ତି । ଜିଲାପାଳଙ୍କ ସହିତ ଡେପୁଟି କଲେକ୍ଟର ନାରାୟଣ ମିଶ୍ର, ଉପ ଜିଲାପାଳ ଭୀମସେନ ଶବର, ନିର୍ବାଚନ ସେକ୍ସନ ଅଧିକାରୀଙ୍କ ସମେତ ୩ ପ୍ରମୁଖ ଦଳ ବିଜେଡି ସଭାପତି ଦେବାଶିଷ ଖାଡ଼ଙ୍ଗା, କଂଗ୍ରେସର ଜିଲା ସମ୍ପାଦକ ଶଙ୍କର୍ଷଣ ମଙ୍ଗରାଜ, ଭାଜପାର କେ.ଅଶ୍ୱିନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ମାସରେ ୨୩୦୦ ଲେଖାଏଁ କଣ୍ଟ୍ରୋଲ ୟୁନିଟ ଏବଂ ବାଲେଟ ୟୁନିଟ ପହଞ୍ଚିଥିବା ବେଳେ ସୋମବାର ୨୪୦୦ଟି ଭିଭି ପାର୍ଟ ମେଶିନ ପହଞ୍ଚିଛି। ତେବେ କଡା ସୁରକ୍ଷା ବଳୟରେ ଏହି ମେଶିନଗୁଡିକୁ କଣ୍ଟ୍ରୋଲ ରୁମରେ ରଖାଯାଇଛି। ରାୟଗଡା ଜିଲାର ଗୁଣୁପୁର ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୧୬ ହଜାର ୨୬୫ ଭୋଟର, ବିଷମକଟକରେ ୨ ଲକ୍ଷ ୨୫ ହଜାର ୯୦୯ ଜଣ, ରାୟଗଡା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୪୬ ହଜର ୫୫ ଜଣ ସର୍ବ ମୋଟ ୬ ଲକ୍ଷ ୮୮ ହଜର ୨୨୯ ଜଣ ଭୋଟର ରହିଛନ୍ତି। ସେହିପରି ଗୁଣୁପୁର ନିର୍ବାଚନମଣ୍ଡଳୀରେ ୨୮୪ ବୁଥ୍, ବିଷମକଟକରେ ୨୮୯ ଓ ରାୟଗଡାରେ ୨୯୮ଟି ବୁଥ୍ ରହିଛି ।

# ଅନ୍ତର୍ଜାତୀୟ ସଫ୍ଟ ଟେନିସ୍ ଟୁର୍ନାମେଣ୍ଟ ପାଇଁ ମନ୍ମୟ ମନୋନୀତ

ବିଷମକଟକ,୩।୭ (ବିଭୂତି ଭୂଷଣ ନାୟକ)

### ବିଷମକଟକର ପୁଅ ଖେଳିବାକୁ ଯିବେ ଥାଇଲାଣ୍ଡ

ରାୟଗଡା ଜିଲା ବିଷମକଟକର ମନ୍ମୟ ପଟ୍ଟନାୟକ ସଫ୍ଟ ଟେନିସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡର ପଟାୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଜାତୀୟ ଟିମ୍‌ରେ ଓଡିଶାରୁ ମନୋନୀତ ହୋଇଥିବା ୩ ଜଣ ସବଜୁନିଅର ଖେଳାଳିଙ୍କ ମଧ୍ୟରେ ମନ୍ମୟ ସାମିଲ ହୋଇଛନ୍ତି। ଏ ନେଇ ଆମେଚ୍ୟୁର ସଫ୍ଟ ଟେନିସ ଫେଡେରେସନ ଅଫ ଇଣ୍ଡିଆ ପକ୍ଷରୁ ଜାରି କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ଗତ ଡିସେମ୍ବରରେ ଅହମଦାବାଦରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ସଫ୍ଟ ଟେନିସ ପ୍ରତିଯୋଗିତାରେ ମନ୍ମୟ ଓଡିଶାରୁ ଅଂଶ ଗ୍ରହଣ କରି ଚମତ୍କାର ଖେଳ ପ୍ରଦର୍ଶନ କରି ଚୟନ କମିଟିର ନଜରକୁ ଆସିଥିଲେ। ମନ୍ମୟ ଜାତୀୟ ପ୍ରତିଯୋଗିତାରେ ସଫଳତା ପାଇ ନ ଥିଲେ ବି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ଚୟନ ହୋଇଥିବାରୁ ବହୁତ ଖୁସିଥିବା ତାଙ୍କ କୋଚ୍ ଏମ୍‌ଡି ଆଜମାନ ଖାନ୍ କହିଛନ୍ତି। ପଟାୟାରେ ହେବାକୁ ଥିବା ପ୍ରତିଯୋଗିତାରେ ସେ ଦେଶ ପାଇଁ ଗୌରବ ଆଣିବେ ବୋଲି ଦୃଢ ଆଶାବାଦୀ ଥିବା ମନ୍ମୟ କହିଛନ୍ତି।

ବିଷମକଟକ ବାସିନ୍ଦା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଓ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ପଟ୍ଟନାୟକଙ୍କ ବଡ ପୁଅ ହେଉଛନ୍ତି ମନ୍ମୟ । ସେ ପିଲା ଦିନରୁ ହିଁ ଖେଳ ପ୍ରତି ରୁଚି ରଖୁଥିଲେ। ଏଥିସହିତ ମନ୍ମୟ ଜଣେ କୁନି ତବଲା ବାଦ୍ୟକାର ଭାବେ ମଧ୍ୟ ପରିଚିତ। ପୁଅକୁ ଭଲ ସ୍କୁଲରେ ପାଠ ପଢ଼ାଇବା ପାଇଁ ତାଙ୍କ ବାପା ମନ୍ମୟକୁ ବିଷମକଟକରୁ ନେଇ ଭୁବନେଶ୍ୱରସ୍ଥିତ ଶିବାନନ୍ଦ ସେଣ୍ଟେନାରୀ ବାଳକ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ସେ ୭ମ ଶ୍ରେଣୀର ଛାତ୍ର ହୋଇଥିବାବେଳେ ଭଲ କ୍ରୀଡା ପ୍ରଦର୍ଶନ କରିବାରୁ ତାଙ୍କୁ ସ୍କୁଲର ୪୦ ତମ ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ବଡ଼ବାପା ସୀମାଞ୍ଚଳ ପଟ୍ଟନାୟକ ଜଣେ ଦକ୍ଷ ଫୁଟବଲ ଓ ଭଲିବଲ ଖେଳାଳି ଥିଲେ। ବଡ଼ବାପାଙ୍କ ପ୍ରୋତ୍ସାହନରେ ସେ ଖେଳ ପ୍ରତି ଆକୃଷ୍ଟ ହୋଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ମନ୍ମୟ ଅନ୍ତର୍ଜାତୀୟ ଖେଳାଳି ଭାବେ ମନୋନୀତ ହୋଇଥିବାରୁ ଅନେକ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।


ସ୍କୁଲ କର୍ତ୍ତୃପକ୍ଷ ମନ୍ମୟଙ୍କୁ ସମ୍ମାନିତ କରୁଛନ୍ତି।

# ୬୪ ଅଭିଯୋଗ ଶୁଣିଲେ ଜିଲାପାଳ

ରାୟଗଡା, ୩।୭ (ଭାଗ୍ୟଶ୍ରୀ ମିଶ୍ର)

### ରାୟଗଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡା ଜିଲା ପ୍ରଶାସନ ତରଫରୁ ସଦର ମହକୁମାଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ଚରଣ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ପିଏ ଆଇଟିଡିଏ ଦିଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଜିଲାର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ନିକଟକୁ ମୋଟ ୬୪ ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୧୯ଟି ସାମୂହିକ ଅଭିଯୋଗ ଥିଲା । ଏହି ଅବସରରେ ଜିଲାପାଳ ସିଂ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୭ଜଣ ବ୍ୟକ୍ତିଙ୍କୁ ୮୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ୨ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ବିଭିନ୍ନ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଗ ଶୁଣାଣି ଶିବିରରେ ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଗ, ଏଡିଏମଓ ଡ. ପୃଷ୍ଟି, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ, ତହସିଲଦାର ପର୍ଶୁରାମ ଭତରା, ସଦର ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ଜିଲା ସମାଜ କଲ୍ୟାଣ ଅଧିକାରୀ ଯାଜ୍ଞସେନୀ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲା କ୍ରୀଡା ଅଧିକାରୀ ଶେଖ ଆଲେନୁର, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ, ଧ୍ରୁବ ଚରଣ ନାୟକ, ଜିଲା ପଞ୍ଚାୟତ ଅଧିକାରୀ ସକିଲା ଚରଣ ବାସ୍କେ, ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ ।


ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ଆସିଥିବା ଲୋକେ ।

## ଗୁରୁପୂର୍ଣ୍ଣିମା ପାଳିତ

ଜୟପୁର, (ପବନ ପାଣିଗ୍ରାହୀ )- ଅରବିନ୍ଦନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁପୂର୍ଣ୍ଣିମା ଉତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରେମାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ଡ. ମନୋରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଓ ସମ୍ପାଦକ ସତ୍ୟବାଦୀ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗୁରୁପୂର୍ଣ୍ଣିମା ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଷ୍ୟମାନଙ୍କ ଚରିତ୍ର ଗଠନ ଓ ସମାଜ ଗଠନରେ ଗୁରୁଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା, ବ୍ୟାସଦେବଙ୍କ ଜୀବନୀ, ସମର୍ପଣ ଭାବନା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବକୁ ଶୁକଦେବ ସାହୁ, ହୃଷୀକେଶ ପାଣିଗ୍ରାହୀ, ପଦ୍ମିନୀ ମହାପାତ୍ରଙ୍କ ସହ ସମସ୍ତ ଗୁରୁମା'ଗୁରୁଜୀମାନେ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସୀମାନ୍ତରେ ୨ ଗାଡ଼ି ଜାଳି ଦେଲେ ମାଓବାଦୀ

ମାଲକାନଗିରି,୩।୭(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ନାରାୟଣପୁରରେ ମାଓବାଦୀମାନେ ଏକ ଟ୍ରକ ଓ ପିକ୍‌ଅପ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଛତିଶଗଡର ନାରାୟଣପୁରରେ ଥିବା ଆମଡାଇ ଲୁହା ମାଇନ୍ସରେ ପରିବହନ ପାଇଁ ନିୟୋଜିତ ଦୁଇଟି ଗାଡି ଖଣିଜ ସାମଗ୍ରୀ ନେଇ ଯାଉଥିବା ବେଳେ ନୟାପାରା ନିକଟରେ ମାଓବାଦୀମାନେ ଗାଡି ଦୁଇଟିକୁ ଅଟକାଇ ନିଆଁ ଲଗାଇ ଦେଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିବାରୁ ଗାଡିଗୁଡିକର ବିଶେଷ କ୍ଷତି ହୋଇନାହିଁ। ତେବେ ମାଓବାଦୀମାନେ ମାଇନ୍ସକୁ ବିରୋଧ କରି ଏହିପରି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ପୋଲିସ ତଦନ୍ତ ଚଳାଇଛି।

### ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ମାଲକାନଗିରି,୩।୭(ଦୁର୍ଯ୍ୟୋଧନ ପାତ୍ର) ମାଲକାନଗିରି ଜିଲା ଟିଟିବିରି ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ତିନିଜଣ ଗୁରୁତର ଅଛନ୍ତି। ମୃତକ ହେଲେ ମାଲକାନଗିରି ଜିଲା ନୂଆଗୁଡାର ମୁକା ମାଡକାମୀ। ଆହତଙ୍କ ମଧ୍ୟରେ ତେଲେଙ୍ଗାନାର ସିଏଚ୍.ସୁବାସ ଓ କେ. ସୋମାୟା ଓ ମାଲକାନଗିରି ଜିଲା କୋରୁକୋଣ୍ଡା ଅଞ୍ଚଳର ଭୀମା କବାସୀ ମାଡକାମୀ ଅଛନ୍ତି। ସୂଚନାନୁଯାୟୀ ମୁକା ଓ ଭୀମା ମାଲକାନଗିରିକୁ ଯାଉଥିବାବେଳେ ବିପରୀତ ଦିଗରୁ ସୁକ୍‌ମା ଅଭିମୁଖେ ଆସୁଥିବା ସିଏଚ୍.ସୁବାସ ଓ କେ. ସୋମାୟାଙ୍କ ଗାଡ଼ି ସହ ମାଲକାନଗିରି-ଜୟପୁର ମୁଖ୍ୟ ରାସ୍ତାର ଟିଟିବିରି ନିକଟରେ ଧକ୍କା ହୋଇଥିଲା। ଏଥିରେ ସମସ୍ତେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ମୁକାଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ସିଏଚ୍.ସୁବାସ ଓ କେ. ସୋମାୟାଙ୍କୁ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମାଲକାନଗିରି ଡାକ୍ତରଖାନାରେ ଭୀମାଙ୍କ ଚିକିତ୍ସା କରାଯାଉଛି।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୩।୭ (ପବନ ପାଣିଗ୍ରାହୀ)- ଜୟପୁର ବ୍ଲକ ଅନ୍ତର୍ଗତ ଧନପୁରଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ବିଭିନ୍ନ ସମସ୍ୟା ଓ ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସରପଞ୍ଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ୍, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ ହର୍ଟିକଲଚର, କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରି ଏହାର ସମାଧାନ ଲାଗି ପ୍ରତିଶ୍ରୁତି ଦେଇଥିଲେ।

### ଟିପିଏସଓଡିଏଲ୍ ସଚେତନତା ଶୋଭାଯାତ୍ରା

ଜୟପୁର,୩।୭ (ପବନ ପାଣିଗ୍ରାହୀ )- ଟିପି ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ ପକ୍ଷରୁ ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ଦିବସ ପାଳନ କରାଯାଉଛି। ବୈଦ୍ୟୁତିକ ଉପରେ ଗୁରୁତ୍ୱାରୋପ କରି ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସୋମବାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ବାହାରି ସହର ପରିକ୍ରମା କରିଥିଲା। ଶେଷରେ ଶୋଭାଯାତ୍ରା ପାୱାର ହାଉସ କଲୋନୀଠାରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମକୁ ଜୟପୁର ବିଦ୍ୟୁତ୍ ମଣ୍ଡଳର ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରା ସୁରକ୍ଷା ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ସୌମ୍ୟ ରଞ୍ଜନ ଲେଙ୍କା ଓ ସୁରଜିତ ସ୍ୱାଇଁ ସହଯୋଗ କରିଥିଲେ। ଶୋଭାଯାତ୍ରାରେ ମୁଖ୍ୟବାର୍ତ୍ତା ଥିଲା ବୈଦ୍ୟୁତିକ ସୁରକ୍ଷାରେ ଏହାସହ ବୁଝାମଣା ନୁହେଁ, ଠିକ୍ ଜ୍ଞାନ ଆବଶ୍ୟକ ଥିଲା ମୁଖ୍ୟବାର୍ତ୍ତା। ବିଭାଗୀୟ ଅଧିକାରୀ ରାଜଶେଖର, ରଶ୍ମି ରଞ୍ଜନ ସାହୁ, ସୁଚନ୍ଦନ ନାୟକ, ଲୋକନାଥ ସାହୁ, ଆଲୋକ ନାୟକ, ଜ୍ଞାନ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ଅଭାବରୁ ମରୁଡ଼ି ଆଶଙ୍କା

ମାଲକାନଗିରି,୩।୭(ଦୁର୍ଯ୍ୟୋଧନ ପାତ୍ର)



ବର୍ଷା ଅଭାବରୁ ଚାଷ ହୋଇ ନ ଥିବା ଜମି ।

■ କମୁଛି ଜଳଭଣ୍ଡାର ଜଳସ୍ତର, ଚିନ୍ତାରେ ଚାଷୀ

■ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

ମାଲକାନଗିରି ଜିଲାରେ ବର୍ଷା ଅଭାବରୁ ମରୁଡି ଆଶଙ୍କା ଦେଖାଦେଇଛି। ଗତ ୫ଦିନ ଧରି ଜିଲାରେ ବର୍ଷା ନ ହେବାରୁ ଜମିଗୁଡିକ ଶୁଖି ଫାଟି ଗଲାଣି। ଫଳରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଆଗାମୀ ଏକ ସପ୍ତାହ ମଧ୍ୟରେ ମୌସୁମୀ ବର୍ଷା ନ ହେଲେ ମରୁଡି ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। ସେହିପରି ଅସହ୍ୟ ଗରମ ସହ ଗୁଳୁ ଗୁଳି ଯୋଗୁ ଜନସାଧାରଣ ଆଉଟୁ ପାଉଟୁ ହେଉଛନ୍ତି ।

ପ୍ରକାଶ ଯେ, ଜିଲାରେ ଦୁଇଟି ଜଳଭଣ୍ଡାର ଥିବା ବେଳେ ମାଲାକନଗିରି ସହରକୁ ଲାଗିଥିବା ସତୀଗୁଡା ମଧ୍ୟମ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୯୨.୬୩ ମିଟର ଲେବଲ ଥିବା ବଳେ ଜୁଲାଇ ୩ ତାରିଖ ସୁଦ୍ଧା ୧୮୬.୯୫ ପାଣି ରହିଛି। ଏହି ଜଳ ଭଣ୍ଡାରର ୬୭୨୦ ହେକ୍ଟେ ମିଟର କ୍ଷମତା ବହନ କରୁଥିବା ବେଳେ ବର୍ତ୍ତମାନ ୧୭୯୫ ହେକ୍ଟେ ମିଟର ପାଣି ରହିଛି। ଗତବର୍ଷ ଜଳଭଣ୍ଡାରରେ ୧୮୭.୩୦ ମିଟର ଥିବା ବେଳେ ୨୦୧୭ ହେକ୍ଟେ ମିଟର କ୍ଷମତା ବହନ କରିଥିଲା। ଜଳଧାରଣ କ୍ଷମତା ୯୦୬୫ ହେକ୍ଟୋ ମିଟର ରହିଥିଲା। ଏହି ଜଳଭଣ୍ଡାରର ଉଭୟ କେନାଲ ଦ୍ୱାରା କୋରୁକୋଣ୍ଡା ଏବଂ ମାଲକାନଗିରି ବ୍ଲକର ୬୧ ହଜାର ହେକ୍ଟର ଚାଷ ଜମି ଜଳସେଚିତ ହେଉଛି। ଏହା ବ୍ୟତୀତ ମାଲକାନଗିରି ପୌର ପରିଷଦ ଅଞ୍ଚଳର ୧୯ ୱାର୍ଡରେ ୪୫ ହଜାର ଜନସାଧାରଣଙ୍କୁ ଦୈନିକ ପାନୀୟ ଜଳ ସତୀଗୁଡା ଜଳଭଣ୍ଡାରରୁ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ବର୍ଷା ଅଭାବରୁ ଜଳସ୍ତର କମୁଥିବାରୁ ଏହା ଆଗାମୀ ଦିନ ପାଇଁ ଉଭୟ ଚାଷ ଏବଂ ପାନୀୟ ଜଳ ସମସ୍ୟା ସୃଷ୍ଟି ହେବା ସମ୍ଭାବନା ରହିଛି।

ବାଲିମେଳା ବୃହତ୍ ଜଳଭଣ୍ଡାର ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କ ସୂଚନା ଅନୁଯାୟୀ, ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୫୧୬ ଫୁଟ କିନ୍ତୁ ଏହାର ବିପଦସଂକୁଳ ୧୫୧୮ ଫୁଟ ଥିବା ବେଳେ ଚଳିତ ବର୍ଷ ଏହି ସମୟରେ ବାଲିମେଳା ଜଳଭଣ୍ଡାରରେ ୧୪୪୪.୨୦ ଫୁଟ ପାଣି ଥିଲା। ବର୍ତ୍ତମାନ ଜଳଭଣ୍ଡାରରେ ୧୪୫୪.୫୦ ଫୁଟ ଜଳ ରହିଛି। ତେବେ ଚଳିତ ବର୍ଷ ଠାରୁ ବର୍ତ୍ତମାନ ସୁଦ୍ଧା ଅଧିକ ଜଳ ଥିଲେ ମଧ୍ୟ ଯଦି ଆଗାମୀ ଦିନରେ ମୌସୁମୀ ବର୍ଷା ନ ହୁଏ ତେବେ ପୋଟେରୁ ଜଳସେଚନ ଦ୍ୱାରା ବୃହତ କେନାଲରେ ଚାଷୀମାନଙ୍କ ପାଇଁ ଜଳ ଯୋଗାଣ ଓ ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ସମସ୍ୟା ସୃଷ୍ଟି ହେବା ସମ୍ଭାବନା ରହିଛି।

ଜିଲା କୃଷି ବିଭାଗର ସୂଚନା ଅନୁଯାୟୀ, ଜିଲାରେ ଭୌଗୋଳିକ ଅଞ୍ଚଳ ୫,୭୯,୧୦୦ ହେକ୍ଟର ଥିବା ବେଳେ ଚାଷ ଉପଯୁକ୍ତ ଅଞ୍ଚଳ ମୋଟ ୧,୪୨,୭୪୦ ହେକ୍ଟର। ସେଥିମଧ୍ୟରୁ ଉଚ୍ଚ ଅଞ୍ଚଳ ୮୫୭୬୦ ହେକ୍ଟର, ମଧ୍ୟମ ଅଞ୍ଚଳ ୩୧୯୧୬ ଓ ନିମ୍ନ ଅଞ୍ଚଳ ୨୫୦୬୪ ହେକ୍ଟର ରହିଛି। ମୋଟ ୮୦ ଦିନ ମଧ୍ୟରେ ସାଧାରଣ ବର୍ଷା ୧୬୬୭.୬ ମିଲିମିଟରର ଆବଶ୍ୟକତା ରହିଛି। ଏହି ବୃଷ୍ଟିପାତ ଯୋଗୁ ସମସ୍ତ ଚାଷ ଜମିରେ ଠିକ୍ ପାଣି ଚାଷ ନିମନ୍ତେ ବ୍ୟବହାର ହୋଇପାରିବ। ଯାହାକି ବର୍ଷା ଜଳ ଓ ଜଳଭଣ୍ଡାରର ପାଣି ଦ୍ୱାରା ସମ୍ଭବ । କିନ୍ତୁ ବର୍ତ୍ତମାନ ସୁଦ୍ଧା ବୃଷ୍ଟିପାତ ନ ହେବା ସହ ଜଳଭଣ୍ଡାରର ଜଳଧାରଣ କମିବାରୁ ଚାଷ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଥିଲେ ମଧ୍ୟ ଆଗାମୀ ଦିନରେ ଯଦି ମୌସୁମୀ ବର୍ଷା ହୁଏ ତେବେ ଏହି ସମସ୍ୟା ଦୂର ହୋଇପାରିବ ବୋଲି ଜିଲା ମୁଖ୍ୟ କୃଷି ଆଧିକାରୀ ଶିବ ସାହୁ ପ୍ରକାଶ କରିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ସଚେତନତା ଶିବିର



ସଚେତନତା ଶିବିରରେ ଯୋଗ ଦେଇଥିବା ମହିଳା ଓ ପୁରୁଷ ।

କାଲିମେଳା,୩।୭(ଜୀବନକୃଷ୍ଣ ଦାସ)

**କାଲିମେଳା ପଞ୍ଚାୟତ**

ମାଲକାନଗିରିଜିଲା କାଲିମେଳା ବ୍ଲକ ଅନ୍ତର୍ଗତ କାଲିମେଳା ପଞ୍ଚାୟତରେ ସୋମବାର ପ୍ରଧାନମନ୍ତ୍ରୀ ଆବାସ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାଲିମେଳା ସରପଞ୍ଚ ପୃଥୀରାଜ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆବାସ ଯୋଜନା ଘର ପାଇଥିବା ହିତାଧିକାରୀମାନେ ଯୋଗ ଦେଇଥିଲେ। ପିଇଓ ଗୋଲକ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ରହି ଉକ୍ତ ସଭାର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଘର ପାଇଥିବା ହିତାଧିକାରୀମାନେ ନିଜ କାମ ପାଇଁ କାର୍ଯ୍ୟାଦେଶ ପାଇବା ଦିନଠାରୁ ୪ ମାସ ମଧ୍ୟରେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ସରକାରଙ୍କ ପ୍ରଦତ୍ତ ବୋନସ୍ କେମିତି ଅତିଶୀଘ୍ର ପାଇବେ ତାହା ସୂଚନା ଦିଆଯାଇଥିଲା । ଲୋକମାନଙ୍କ ଘର କାମରେ କିଛି ଅସୁବିଧା ହେଲେ ଏହାର ସମାଧାନ ପାଇଁ ପଞ୍ଚାୟତ ସ୍ତରରେ ସରପଞ୍ଚ, ଜିଆର, ସିପିଇଓଙ୍କୁ ଜଣାଇବା ପାଇଁ କୁହାଯାଇଛି।

ସୂଚନାଯୋଗ୍ୟ, କାଲିମେଳା ପଞ୍ଚାୟତରେ ମୋଟ ୩୨୭ ଆବାସ ଘର ବଣ୍ଟନ କରାଯାଇଥିବା ବେଳେ ସେଥିରୁ ୯୧ ଜଣଙ୍କ ଜମି ପଟ୍ଟା ନ ଥିବା ଜଣାପଡିଛି। ତେବେ ଆବାସ ପାଇଁ ପ୍ରଥମ କିସ୍ତିରେ ୪୦ ହଜାର, ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ଶେଷ କିସ୍ତିରେ ୨୫ ହଜାର ଟଙ୍କା ଏବଂ ଏନ ଆରଜିଇଏସ୍‌ରେ ୨୨ ହଜାର ସହାୟତା ମିଳିବା ବ୍ୟବସ୍ଥା କରାଯାଇଛି। ଏଥିସହ ୪ ମାସରେ ଘର ସମ୍ପୂର୍ଣ୍ଣ କଲେ ୨୦ ହଜାର ଅଧିକ ବୋନସ୍ ଏବଂ ୬ ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କା ଅଧିକ ବୋନସ୍ ସହାୟତା ମିଳିପାରିବ ବୋଲି ସରପଞ୍ଚ ମାଝି ସୂଚନା ଦେଇଥିଲେ। ପଞ୍ଚାୟତ ଯୋଗାଣ ସହାୟକ ପ୍ରତାପ ଚନ୍ଦ୍ର ପତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଡାକ୍ତରଙ୍କ ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

କୋରାପୁଟ,୩।୭(ଅମିତାଭ ବେହେରା)



ମାତୃ ଓ ଶିଶୁ ବିଭାଗ ସମ୍ମୁଖରେ ମୃତଦେହ ରଖି ଧାରଣାରେ ବସିଥିବା ପରିବାର।

■ ମୃତଦେହ ରଖି ପରିବାର ଲୋକଙ୍କ ଧାରଣା

■ ତଦନ୍ତ ନିର୍ଦ୍ଦେଶ ଦେଲେ ହସ୍ପିଟାଲ ଅଧୀକ୍ଷକ

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ସୋମବାର ପ୍ରସବ ପରେ ଜଣେ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତରଙ୍କ ଅବହେଳା ଯୋଗୁ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକେ ମେଡିକାଲର ମାତୃ ଓ ଶିଶୁ ବିଭାଗ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ଏହାର ତଦନ୍ତ ନିର୍ଦ୍ଦେଶ ଦେଇ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଖବରରୁ ଜଣାପଡିଛି, କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିଗୁଡା ଗ୍ରାମର ପ୍ରଦୀପ ଖିଲଙ୍କ ସ୍ତ୍ରୀ ରାଧିକା ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ପଟ୍ଟାଙ୍ଗି ହସ୍ପିଟାଲରେ ରବିବାର ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଜଟିଳ ଥିବାରୁ ଡାକ୍ତର ରାତିରେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। କୋରାପୁଟରେ ରାତିରେ ହିଁ ଅସ୍ତ୍ରୋପଚାର ପରେ ରାଧିକା ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ । ବିଳମ୍ବିତ ରାତିରେ ଶିଶୁପୁତ୍ର ପ୍ରସବ ପରେ ରାଧିକା ଅସୁସ୍ଥ ହୋଇ ପଡିଥିଲେ । ଏନେଇ ପରିବାର ଲୋକେ ବାରମ୍ବାର ଡାକ୍ତରଙ୍କୁ ଡାକିଥିଲେ ମଧ୍ୟ କୌଣସି ଡାକ୍ତର ଆସି ନ ଥିଲେ ବୋଲି ରାଧିକାଙ୍କ ବାପା ଦୈତାରି ଖରା ଅଭିଯୋଗ କରିଛନ୍ତି। ଫଳରେ ଯନ୍ତ୍ରଣାରେ ଛଟପଟ ହୋଇ ସୋମବାର ସକାଳେ ରାଧିକାଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ମୃତକଙ୍କ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଡାକ୍ତରଙ୍କ ଅବହେଳା ଯୋଗୁ ରାଧିକାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକେ ମାତୃ ଓ ଶିଶୁ ବିଭାଗ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ରାତିରେ ଡ୍ୟୁଟିରେ ଥିବା ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଏହା ଜାଣିବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ଓ ଅଧୀକ୍ଷକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏନେଇ ମେଡିକାଲର ଅଧିକ୍ଷକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ପ୍ରସବ ମହିଳାଙ୍କ ମୃତ୍ୟୁର ତଦନ୍ତ କରିବାକୁ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛି। ମଙ୍ଗଳବାର ସୁଦ୍ଧା ତଦନ୍ତ ରିପୋର୍ଟ ଦେବାକୁ କହିଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଫେସର ମହାପାତ୍ର କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଅଗ୍ନିଶମ କର୍ମଚାରୀ ଗୁରୁତର

ବାଲିମେଳା,୩।୭(ଶିବଦତ୍ତ ସାହୁ)

ଚିତ୍ରକୋଣ୍ଡା ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଗୁପ୍ତେଶ୍ୱର ନାୟକ ନିଜ ଗ୍ରାମ ଟିଟିଲାଗଡ଼ରୁ ସୋମବାର ସକାଳେ ସ୍ତ୍ରୀଙ୍କ ସହ ବାଇକ୍ ଯୋଗେ ଚିତ୍ରକୋଣ୍ଡାକୁ ଫେରୁଥିବା ସମୟରେ ଜୟପୁର ବାଲିମେଳା ମୁଖ୍ୟ ରାସ୍ତାର ପିଲାକୁସୁମୀ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ତାଙ୍କ ମୁହଁରେ ଆଘାତ ଲାଗିଛି। କୁଡୁମୁଲୁଗୁମ୍ମା ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ତାଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ମାଲକାନାଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଗୁରୁ ପୂର୍ଣିମା ପାଳିତ

ଚିତ୍ରକୋଣ୍ଡା,୩।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଆୟାପା ମନ୍ଦିର ଏବଂ ସିରିଡ଼ିସାଇ ମନ୍ଦିର ମିଳିତ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲଙ୍କ ଉପସ୍ଥିତିରେ ଭକ୍ତ ଅନିଲ ଗୁପ୍ତାଙ୍କ ନେତୃତ୍ୱରେ ଏବଂ ସାଥୀ ଭକ୍ତଙ୍କ ଉପସ୍ଥିତିରେ ଗୁରୁ ପୂର୍ଣିମା ପାଳିତ ହୋଇଯାଇଛି। ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କେନ୍ଦ୍ର, ସତ୍ୟସାଇ ମନ୍ଦିର, ଦିବ୍ୟ ଜୀବନ ସଙ୍ଗ ଓ ସାରସ୍ୱତ ନୀଳାଞ୍ଚଳ ସଂଘ (ନିଗମାନନ୍ଦ ଆଶ୍ରମ) ପରିକ୍ଷରରେ ଗୁରୁ ପୂର୍ଣିମା ପାଳନ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା ।

# ବନ ମହୋତ୍ସବରେ ଚାରା ରୋପଣ




ଚାରା ରୋପଣ କରାଯାଉଛି ।

କୁଡୁମୁଲୁଗୁମ୍ମା,୩।୭(ହୃଷୀକେଶ ସେଠୀ)

ବନ ବିଭାଗ ପକ୍ଷରୁ ମାଲକାନଗିରି ଜିଲା ବନଖଣ୍ଡ ଅଧିକାରୀଙ୍କ ଆନୁକୂଲ୍ୟରେ ସୋମନାଥପୁର ବନ ବିଭାଗ ଓ ବ୍ଲକ ଶିକ୍ଷା ଅଧିକାରୀ କୁଡୁମୁଲୁଗୁମ୍ମାଙ୍କ ମିଳିତ ସହଯୋଗରେ ଦୋରାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବରେ ଦୋରାଗୁଡା ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମବାସୀ,ଜଙ୍ଗଲ ସଂରକ୍ଷଣ ଦାୟିତ୍ୱରେ ନିୟୋଜିତ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀ ଛାତ୍ର ଓ ସ୍ୱୟଂ ସହାୟିକା ଗୋଷ୍ଠୀ ତଥା ନିର୍ବାଚିତ ଜନ ପ୍ରତିନିଧି ଯୋଗଦାନ କରି ଉତ୍ସବକୁ ସଫଳ କରିଥିଲେ। ଆୟୋଜିତ ବୈଠକରେ କୁଡୁମୁଲୁଗୁମ୍ମାର ଯୁବ କି ତଥା ସାହିତ୍ୟିକ, ଶିକ୍ଷକ ବଳରାମ ପୂଜାରୀ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବ ମାଢୀ, ସମ୍ମାନୀତ ଅତିଥି ଭାବେ ୱାର୍ଡ଼ ମେମ୍ବର ହରି ମାଢୀ, ତ୍ରିନାଥ ମାଢୀ, ସମ୍ବନ୍ଧ ମାଢୀ, ମାଧ ଆଦବାରୀ, ଭକ୍ତ ଦାଶା ଓ ବନ ମହୋତ୍ସବ ଆବାହକ ଶଶାଙ୍କ କୁମାର ଦାଶ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦୁମତୀ ମାଢୀ ଓ ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପୂଜାରୀ ବୈଠକରେ ପୌରୋହିତ୍ୟ କରି ସାମ୍ପ୍ରତିକ ସ୍ଥିତିରେ ଜଙ୍ଗଲ ଓ ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷା ସହ ଚାରା ରୋପଣ କରି ପୃଥିବୀ ପୃଷ୍ଠକୁ ସବୁଜିମାରେ ଭରିଦେବାକୁ ଆହ୍ୱାନ ଦେଇଥିଲେ। ଆବାହକ ତଥା ବନରକ୍ଷୀ ଶଶାଙ୍କ କୁମାର ଦାଶ ଜଙ୍ଗଲ ଓ ଏହାର ମଣିଷ ସମାଜ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ସାମାଜିକ ନୀକରଣରେ ଜନସାଧାରଣଙ୍କ ପ୍ରମୁଖ ଭୂମିକା ବିଷୟରେ ଆଲୋଚନା କରିଥିଲେ। ବନରକ୍ଷୀ ସ୍ନିଗ୍ଧାରାଣୀ ପ୍ରୀୟଦର୍ଶନୀ ନାୟକ ଲୋକମାନଙ୍କୁ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ସମସ୍ତ କର୍ମକର୍ତ୍ତା ଓ ଅତିଥିମାନଙ୍କ ଗହଣରେ ବିଦ୍ୟାଳୟରେ ଆମ୍ବ, ଲେମ୍ବୁ, ସ୍ୱର୍ଣ୍ଣ ଚମ୍ପା, କଦମ୍ବ, ପିଜୁଳି ଓ ଔଷଧୀୟ ବୃକ୍ଷ ସବୁ ରୋପଣ କରାଯାଇଥିଲା। ବନ ବିଭାଗର ଅଧିକାରୀମାନେ ଏହି ଚାରାର ଯତ୍ନ ନେବା ସହ ଜଙ୍ଗଲ ବିଭାଗ ପକ୍ଷରୁ ଯାହା ସହଯୋଗ ଆବଶ୍ୟକ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

# କ୍ଷୁଦ୍ର ଶିଳ୍ପ ଲାଗି ଜମି ଅଧିଗ୍ରହଣକୁ ଗ୍ରାମବାସୀଙ୍କ ବିରୋଧ

ମାଲକାନଗିରି, ୩।୭(ଦୁର୍ଯ୍ୟୋଧନ ପାତ୍ର)

ଓଡିଶାର ଅନେକ ଶିଳ୍ପ ବିହୀନ ଜିଲା ଥିବାରୁ ସେହି ଅଞ୍ଚଳରେ ବିକାଶ ଏବଂ ନିଯୁକ୍ତି ସୃଷ୍ଟି ହୋଇ ପାରୁନାହିଁ। ରାଜ୍ୟ ସରକାର ଏହି ଜିଲାଗୁଡିକରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ଇଡ୍‌କୋ ଜରିଆରେ ସରକାରୀ ଜମି ଅଧିଗ୍ରହଣ କରି ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ ସୀମାଗୁଡାରେ ଜୟପୁର-ମାଲକାନଗିରି ମୁଖ୍ୟ ରାସ୍ତା କଡରେ ୪୫ ଏକର ସରକାରୀ ଜମି ସୋମବାର ଚିହ୍ନଟ କରାଯାଇ ଇଡ୍‌କୋକୁ ହସ୍ତାନ୍ତର କରିବା ପାଇଁ ସ୍ଥାନୀୟ ତହସିଲଦାର ସାୟଦ ସବିର ସା, କୋରାପୁଟରୁ ଆସିଥିବା ଇଡ୍‌କୋ ପରିଚାଳକ, ସ୍ଥାନୀୟ ପୋଲିସ ଏବଂ ରାଜସ୍ୱ କର୍ମଚାରୀମାନେ ସର୍ଭେ କରୁଥିଲେ। ସେହି ସମୟରେ ସ୍ଥାନୀୟ ସୀମାଗୁଡି, ଦୋରାଗୁଡା, କରସ୍ତାଗୁଡା ଓ ଚମ୍ପାଖାରୀ ଅଞ୍ଚଳର ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ, ଏଠାରେ ସରକାର ସିମେଣ୍ଟ କାରଖାନା ନିର୍ମାଣ କଲେ ସେମାନଙ୍କ ଅଞ୍ଚଳ ପରିବେଶ ନଷ୍ଟ ହେବା ସହ ଚାଷ ଜମି କ୍ଷତିଗ୍ରସ୍ତ ହେବେ। ସତୀଗୁଡା ଜଳଭଣ୍ଡାର ପାଇଁ ସେମାନେ ବିସ୍ଥାପିତ ହୋଇ ଏହି ସବୁ ଗ୍ରାମରେ ବସବାସ କରୁଛନ୍ତି। ଗୋଟିଏ ପଟେ ସତୀଗୁଡା ଜଳଭଣ୍ଡାର ଅନ୍ୟପଟେ ଗୋଇ ପର୍ବତ ମଝିରେ ଜାତୀୟ ରାଜପଥ ଥିବାରୁ ଭବିଷ୍ୟତରେ ସେମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିବା ସହ ଅନେକ ଜଙ୍ଗଲ ଜମି ପଟ୍ଟା ପାଇଥିବା ବ୍ୟକ୍ତି କ୍ଷତିଗ୍ରସ୍ତ ହେବେ । ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ ମଧ୍ୟ ବାଧାପ୍ରାପ୍ତ ହେବ। ଏଣୁ ଏଠାରେ ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରୁଛୁ ବୋଲି ଗ୍ରାମବାସୀ କହିଥିଲେ। ତେବେ ତହସିଲଦାର ସବିର ଗ୍ରାମବାସୀଙ୍କୁ ଏଠାରେ ବୃହତ ଶିଳ୍ପ କିମ୍ବା ସିମେଣ୍ଟ କମ୍ପାନୀ ହେବନାହିଁ, ଏଠାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହେବ, ଯାହାକି ଶୀତଳ ଭଣ୍ଡାର, ଧାନ ମିଲ, ପରି ଛୋଟ ଛୋଟ ଶିଳ୍ପ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ସ୍ଥାନୀୟ ଲୋକ ଉପକୃତ ହେବା ସହ ନିଯୁକ୍ତି ପାଇପାରିବେ। ଯଦି କାହାର ପଟ୍ଟା ଥାଏ ତାଙ୍କୁ ବାଦ୍ ଦିଆଯିବ। ସାମାଜିକକର୍ମୀ ପ୍ରଭାକର ହନ୍ତାଳ କହିଛନ୍ତି, ଲୋକଙ୍କର ଯେଉଁ ସନ୍ଦେହ ଥିଲା ବୃହତ ଶିଳ୍ପ ସିମେଣ୍ଟ କମ୍ପାନୀ ହେବାଦ୍ୱାରା ସେମାନେ କ୍ଷତିଗ୍ରସ୍ତ ହେବେ, ସେହି ସନ୍ଦେହ ସେମାନଙ୍କର ଦୂର କରାଯାଇଛି। ଏହି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାକୁ ସେ ସମର୍ଥନ ଜଣାଇଛନ୍ତି। ସ୍ଥାନୀୟ ସରପଞ୍ଚ ଘାସି ନାୟକ ଏବଂ ଇଡ୍‌କୋ ସହକାରୀ ପରିଚାଳକ ଓମ୍ ପ୍ରକାଶ ସୁବୁଦ୍ଧି ଏବଂ ତହସିଲଦାର ଗ୍ରାମବାସୀଙ୍କୁ ଏହି ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ସେମାନଙ୍କ ମନରେ ଥିବା ସନ୍ଦେହକୁ ଦୂର କରିଥିଲେ।

## ଗଡପଦରରେ ଅବକାରୀ ଚଢାଉ

ଜୟପୁର, ୩।୭ (ପବନ ପାଣିଗ୍ରାହୀ)- ମଦ ବ୍ୟବସାୟୀମାନେ ଚାଲାଣ ପାଇଁ ଦେଶୀ ମଦ ଓ ପୋଚ ରଖିଥିବା ସୂଚନା ପାଇ ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦରରେ ସୋମବାର ଅବକାରୀ କର୍ମଚାରୀମାନେ ଚଢାଉ କରିଥିଲେ। ତେବେ ଏନେଇ ଆଗୁଆ ସୁରାକ ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ ମଦ ଓ ପୋଚ ନଷ୍ଟ କରି ଫେରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି ।

# ପଲିଥିନ୍, ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଆହ୍ୱାନ

ମାଲକାନଗିରି,୩।୭(ଦୁର୍ଯ୍ୟୋଧନ ପାତ୍ର)

**ଅନ୍ତର୍ଜାତୀୟ ପ୍ଲାଷ୍ଟିକ ବର୍ଜନ ଦିବସ**

ମାଲକାନଗିରି ଜିଲା ସଦର ମହକୁମା ମହିଳା ମହାବିଦ୍ୟାଳୟରେ ସୋମବାର ଅନ୍ତର୍ଜାତୀୟ ପ୍ଲାଷ୍ଟିକ ବର୍ଜନ ଦିବସ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରି ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ଓ ଜନସାଧାରଣଙ୍କ ଉପରେ କିପ୍ରକାର କୁ ପ୍ରଭାବ ପଡୁଛି ସେ ସମ୍ବନ୍ଧରେ କହିଥିଲେ। ବିଶେଷ କରି ସହରାଞ୍ଚଳରେ ବୁଲା ଗୃହ ପାଳିତ ପ୍ରାଣୀ ଏବଂ ପକ୍ଷୀଗୁଡିକ ବିଭିନ୍ନ ଖାଦ୍ୟ ସାମଗ୍ରୀ ପଲଥିନ୍‌ରେ ଆଣି ଏହା ଖାଇବା ପରେ ରାସ୍ତାରେ ଫିଙ୍ଗୁଥିବା ଏବଂ ଏହାକୁ ପ୍ରାଣୀମାନେ ଖାଇ ରୋଗଗ୍ରସ୍ତ ହେଉଥିବା, ଚାଷ ଜମିରେ ବ୍ୟବହୃତ ପଲିଥିନ ପଡିବା ଦ୍ୱାରା ମାଟିର ଉର୍ବରତା କମିବା ସହ ବର୍ଷା ଜଳ ଭୂତଳକୁ ନ ଯିବା ଉଭୟ ଚାଷ ଓ ମୃତ୍ତିକା ପାଇଁ କ୍ଷତିକାରକ । ସାଧାରଣ ଜନତା କପଡା ବ୍ୟାଗ ବ୍ୟବହାର ନ କରି ବଜାରରୁ ବିଭିନ୍ନ ସାମଗ୍ରୀ ପଲିଥିନ ଦ୍ୱାରା ଆଣିବା ସହ ରନ୍ଧା ଖାଦ୍ୟ, ଜଳଖିଆ ଇତ୍ୟାଦି ଏହି ପଲିଥିନ୍‌ରେ ଆଣି ଖାଉଥିବାରୁ ଏଥିରେ ଥିବା କେମିକାଲ ଖାଦ୍ୟ ସହ ମିଶ୍ରଣ ହୋଇ ଶରୀର ଭିତରକୁ ଯାଉଥିବାରୁ ଜନସାଧାରଣ ବିଭିନ୍ନ ରୋଗର ଶୀକାର ହେଉଛନ୍ତି। ଏଣୁ ସମସ୍ତ ଜନସାଧାରଣ ପଲିଥିନ ବ୍ୟବହାର ନ କରିବା ପାଇଁ ଛାତ୍ରୀମାନେ ପ୍ଲାକ୍‌କାର୍ଡ ଧରି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପିକା ମାନେ ଅଂଶଗ୍ରହଣ କରିଥିଲେ।



ପ୍ଲାଷ୍ଟିକ୍ ବର୍ଜନ ନେଇ ଛାତ୍ରୀମାନେ ସଚେତନ କରୁଛନ୍ତି।

# ୧୧୯୫ ଆଦିବାସୀ ପରିବାରକୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ

ବାଲିମେଳା,୩।୭(ଶିବଦତ୍ତ ସାହୁ)



ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉଛି ।

**ଆମ ଗାଁ ଆମ ତହସିଲ କାର୍ଯ୍ୟକ୍ରମ**

ମାଲକାନାଗିରି ଜିଲା କୋରୁକୋଣ୍ଡା ବ୍ଲକ ନୀଳାଦ୍ରିନଗର ପଞ୍ଚାୟତ ଅଧୀନ ସୋର୍ଲୋକୋଣ୍ଡାଠାରେ ଥିବା ସାପ୍ତାହିକ ହାଟରେ ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ସରକାରଙ୍କ ଜନ ସମାଜ କାର୍ଯ୍ୟକ୍ରମ ପକ୍ଷରୁ ଆମ ଗାଁରେ ଆମ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ତହସିଲଦାର ପି.ପଦ୍ମନାଭ ଦୋରା, ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲା ପରିଷଦ ଉପାଧ୍ୟକ୍ଷ ରାଜା ବିନୋଦ ସାମନ୍ତରାୟ, ବିଜେଡି ବାଲିମେଳା ନଗର ସଭାପତି ମଙ୍ଗଳା ପାଙ୍ଗି, ଜିଲା ପରିଷଦ ସଭ୍ୟ ମଞ୍ଜୁ ଖିଲ, ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, କୋରୁକୋଣ୍ଡା ବ୍ଲକର ଏମ୍‌ପି ପ୍ରତିନିଧି ମଦନ ଖୋସଲା,ଖଇରପୁଟ ବ୍ଲକର ଏମ୍‌ପି ପ୍ରତିନିଧି କାଳିଆ ମାଝି ଓ ଉପରୋକ୍ତ ୫ ପଞ୍ଚାୟତ ଦାୟିତ୍ୱରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

କୋରୁକୋଣ୍ଡା ବ୍ଲକରେ ଥିବା ୧୨ ପଞ୍ଚାୟତ ମଧ୍ୟରୁ କାମ୍ୱେଡା, ନୀଳାଦ୍ରି ନଗର, ପୁରୁଣା ଚିମିଟାପାଲି, ପେଟ୍ରେଲ, ଚିତାପରି-୩ ଏହି ୫ ପଞ୍ଚାୟତକୁ ନେଇ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ୧୧୯୫ ଆଦିବାସୀ ପରିବାରଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି।

ଏ ସମସ୍ତ ଅଞ୍ଚଳରେ ବସବାସ କରୁଥିବା ଅନ୍ୟ ଯେଉଁ ଉପଯୁକ୍ତ ଆଦିବାସୀ ସମ୍ପ୍ରଦାୟର ପରିବାର ଲୋକେ ପଟ୍ଟା ପାଇବା ପାଇଁ ତାଲିକା ଭୁକ୍ତ ହୋଇନାହାନ୍ତି କିମ୍ବା ପଟ୍ଟା ପାଇପାରି ନାହାନ୍ତି ସେମାନଙ୍କୁ ତୁରନ୍ତ ଚିହ୍ନଟ ସହ ତାଲିକାଭୁକ୍ତ କରି ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯିବ ବୋଲି ବିଧାୟକ ବାକା କହିଛନ୍ତି।

**କୁଲାରସିଂ ପଞ୍ଚାୟତରେ ଜନ ଅଭିଯୋଗ ଶିବିର**

ନନ୍ଦପୁର, (ଶଙ୍କର ପୂଜାରୀ)- ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର କୁଲାରସିଂ ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ସୁଜିତ ମିଶ୍ର ଶିବିରରେ ଅଧକ୍ଷତା କରିଥିଲେ। କୁଲାରସିଂ ସରପଞ୍ଚ ଭଗବତୀ କିର୍ଷାନି, ସମିତିସଭ୍ୟ, ସମସ୍ତ ୱାର୍ଡସଭ୍ୟ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତର ଏକାଧିକ ସମସ୍ୟାକୁ ୩ଟି ଅଭିଯୋଗ ପତ୍ରରେ ଉଲ୍ଲେଖ କରି ପଞ୍ଚାୟତବାସୀ ଉପସ୍ଥିତ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହା ଜିଲାପାଳଙ୍କୁ ଅବଗତ କରି ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା



ନବରଙ୍ଗପୁର,୩।୭(ସଦାଶିବ ପ୍ରହରାଜ) ନବରଙ୍ଗପୁର ପାପଡ଼ାହାଣ୍ଡିସ୍ଥିତ ସାଇ ମନ୍ଦିରରେ ସୋମବାର ଗୁରୁପୂର୍ଣ୍ଣିମା ପାଳନ କରାଯାଇଛି। ସକାଳ ୬ଟା ୩୦ରେ କାକଡ଼ ଆଳତି, ପୂର୍ବାହ୍ନ ୧୦ଟାରେ ସାଇଙ୍କ ଅଭିଷେକ ଅନୁଷ୍ଠିତ ହୋଇଥିଲା। ହୋମ ଯଜ୍ଞାଦି କାର୍ଯ୍ୟକ୍ରମ ପରେ ମଧାହ୍ନ ୧୨ ଟା ୩୦ ଆରତି କରାଯାଇଥିଲା। ସନ୍ଧ୍ୟା ୬ଟା ୩୦ରେ ସନ୍ଧ୍ୟାଳତି ଓ ରାତ୍ର ୮ଟା ୩୦ରେ ଶେଷ ଆଳତି କରାଯାଇଛି। କର୍ତ୍ତା ଭାବେ ସିରିଡି ସାଇ ସେବା ଟ୍ରଷ୍ଟ ଟ୍ରଷ୍ଟି ବିଭୁତି ପ୍ରସାଦ ପଣ୍ଡା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଟ୍ରଷ୍ଟ ସଭ୍ୟ ସଦାଶିବ ପ୍ରହରାଜ, ଧରମପାଳ ଶର୍ମା, ଏସ୍.କେ.ଅନୀଲ କୁମାର, ବଳରାମ ସାହୁ, ଜିତେନ୍ଦ୍ର ସାହୁ, ଅରୁଣ ପଟ୍ଟନାୟକ, ଆଦିତ୍ୟ ସାହୁ, ଅତୁଲ୍ୟ କୁମାର ସାହୁ, ଅସିତ ପାଳ ପ୍ରମୁଖ ସହଯୋଗ କରିଥିଲେ।

### ୨୧ଶାଗୁଆନ ଗଣ୍ଡି ଜବତ

ରାଇଘର, ୩।୭(କିରଣ ପଟ୍ଟନାୟକ)- ନବରଙ୍ଗପୁର ଜିଲା ରାଇଘର ବନ ବିଭାଗ ୨୧ଟି ଶାଗୁଆନ ଗଣ୍ଡି ଜବତ କରିଛି। କାଠ ବୋଝେଇ ଗାଡ଼ି ଡ୍ରାଇଭର ଖସି ପଳାଇଥିବାବେଳେ ମାଲିକ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଉମରକୋଟ କେନାଲ ସାହିର କୁଳଧର ଗଣ୍ଡା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ କାଠ ଚାଲାଣ ଖବରପାଇ ବନ ବିଭାଗ ଦୁଇଟି ଟିମ ରେଙ୍ଗାଭାଟି ଓ ଶାନ୍ତିନଗର ନିକଟରେ



ଶନିବାର ରାତିରୁ ଜଗିଥିଲେ। ରାତି ସାରା କୌଣସି ଗାଡ଼ି ଆସି ନ ଥିଲା। ଏହାପରେ ରିବାର ସକାଳୁ ଶାନ୍ତି ନଗର ପାଖରେ ଥିବା ଟିମ ସନ୍ଦେହରେ ଗୋଟିଏ ଗାଡ଼ିର ପିଛା କରିବା ସହ ରେଙ୍ଗାଭାଟି ଟିମ୍‌କୁ ଜଣାଇଥିଲେ। ଲାଲୁ ବିଶୋଇଙ୍କ ନେତୃତ୍ୱାଧୀନ ଉକ୍ତ ଟିମ ଏହି ଗାଡ଼ିଟିକୁ ଧଡ୍ରାପାରା ଛକରେ ଧରିଥିଲେ। ଗାଡିଟି ଧାରା ପଡିବା ମାତ୍ରେ ଡ୍ରାଇଭର ଖସି ପଳାଇଥିବା ବେଳେ ଗାଡ଼ି ମାଲିକ କୁଳଧର ଧରା ପଡିଥିଲେ।

### ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ଯୁବକ ଗିରଫ

ପାପଡ଼ାହାଣ୍ଡି,୩।୭(ସ୍ୱପ୍ନଜିତ ପଟ୍ଟନାୟକ) ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ବାହାର ରାଜ୍ୟକୁ ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କୋଷାଗୁମୁଡ଼ା ବ୍ଲକ ଖର୍କଗୁଡ଼ାର ଫଗୁଣୁ ଭତରା। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫଗୁଣୁ ପାପଡ଼ାହାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ୩ ମାସ ପୂର୍ବେ କେରଳ ନେଇ ସେଠାରେ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକାଙ୍କ ପରିବାର ଲୋକେ ତାଙ୍କୁ ଚାରିଆଡେ ଖୋଜି ପାଇ ନ ଥିଲେ। ଏହାମଧରେ ଫଗଣୁ ନାବାଳିକାଙ୍କୁ ଘରେ ଛାଡି ଚାଲିଯାଇଥିଲେ। ନାବାଳିକା ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ତାଙ୍କ ବଡ଼ଭଉଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ ନମ୍ବର ୧୧୭/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ଫଗୁଣୁଙ୍କୁ କୋର୍ଟ ଚାଲାଣ କରିଛି।

# ପିଲାଙ୍କଠାରେ ବ୍ୟାପୁଛି ଚର୍ମରୋଗ

- ୧୫ ଦିନରେ ୨୦ରୁ ଊର୍ଦ୍ଧ୍ୱ ଶିଶୁ ଆକ୍ରାନ୍ତ
- ଆଜି ଗାଁକୁ ଯିବ ସ୍ୱାସ୍ଥ୍ୟ ଟିମ୍

ଝରିଗାଁ,୩।୭(କିଶୋର ଚନ୍ଦ୍ର ମଣ୍ଡଳ)

ସଚେତନତା ସହ ଆନ୍ତରିତା ଅଭାବ ଯୋଗୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ମିଳି ପାରୁନି। ଯାହାଫଳରେ କୋମଳମତି ଶିଶୁମାନେ ରୋଗାକ୍ରାନ୍ତ ହୋଇଛନ୍ତି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ଟେମରା ପଞ୍ଚାୟତ ଚେପଟିଆମ୍ବା ଗ୍ରାମର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଶିଶୁ ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି।

ଗାଁର ୩ ବର୍ଷର ଜଣେ ଶିଶୁଙ୍କ ଓଠ ପାଖରେ ଲାଲ ହୋଇଯାଇଥିଲା। ପରେ ସେଠାରେ ଘା ହୋଇଯାଇଥିଲା। ଉକ୍ତ ଘା ଧୀରେ ଧୀରେ ମୁହଁ ସାରା ବ୍ୟାପିଯାଇଥିଲା। ସେହିପରି କେତେଜଣ ଶିଶୁମାନଙ୍କ ମୁଣ୍ଡରେ ଘା ହୋଇଥିବା ଜଣାପଡିଛି। ୧୫ ଦିନ ମଧ୍ୟରେ ଗ୍ରାମର ମହେଶ ଜାନୀ, ଦିଲୀପ ଜାନୀ, ଅନୁ ଜାନୀ, ପିଣ୍ଟୁ ଜାନୀ, ଆଦି ଜାନୀ, ସୁଶାନ୍ତି ଜାନୀ, ବିନାକର ଜାନୀ, ସୁରେଖା ଜାନୀ, ମହେଶ ଜାନୀ, ଗୋମତି ଜାନୀ, ରାଜି ଜାନୀ, ମିଲା



ଜାନୀ, ଜଳେନ୍ଦ୍ରୀ ଜାନୀଙ୍କ ସହ ଗ୍ରାମର ୨୦ରୁ ଅଧିକ ଶିଶୁ ଆକ୍ରାନ୍ତ ଥିବା ଜଣାପଡ଼ିଛି। ସେହିପରି ପାଖ କରମଚାନ୍ଦଗୁଡା ଗ୍ରାମରେ ମଧ ଜଣେ ଶିଶୁ ସମାନଭାବେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତେବେ ଏହା ଛୋଟିଆ ରୋଗ ଭାବି ଘର ଲୋକ କୌଣସି ଔଷଧ ଦେଉ ନ ଥିବାବେଳେ ଏହା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଗାଡି ରହିଥିବାବେଳେ ବର୍ଷେ ହେବ ଏହି ଗ୍ରାମକୁ ଗାଡି ଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏହି ଗ୍ରାମକୁ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି ହୋଇଛି। ଏନେଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକଙ୍କୁ ଯୋଗାଯୋଗ କରିବାରୁ ମଙ୍ଗଳବାର ସକାଳକୁ ଡାକ୍ତରୀ ଦଳ ଉକ୍ତ ଗ୍ରାମକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି କହିଛନ୍ତି।

## ରାଷ୍ଟ୍ରୀୟ ଏକତା ବାର୍ତ୍ତା ନେଇ ସାଇକେଲ ଯାତ୍ରା



ନବରଙ୍ଗପୁର ଯୁବ କଂଗ୍ରେସ ସଦସ୍ୟମାନେ ସୁରେନ୍ଦ୍ର ଓ ବାବୁଲାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନବରଙ୍ଗପୁର,୩।୭(ସଦାଶିବ ପ୍ରହରାଜ)

ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ସହ ଭାରତକୁ ସବୁଜ ସୁନ୍ଦର ବାର୍ତ୍ତା ନେଇ କୋରାପୁଟ ଜିଲା ଲମତାପୁଟର ସୁରେନ୍ଦ୍ର ମୁଦୁଲୁ ଓ ବାବୁଲା ମୁଦୁଲି ଜୟପୁରରୁ ତାଙ୍କ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ୧ ମାସ ମଧ୍ୟରେ ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ଦେଇ କେଦାରନାଥ ଓ ବଦ୍ରିନାଥରେ ପହଞ୍ଚିଥିଲେ। ୫୮ ଦିନର ଲମ୍ବା ଯାତ୍ରା ପରେ ସୋମବାର ନବରଙ୍ଗପୁରରେ ପହଞ୍ଚିଥିଲେ। ତାଙ୍କୁ ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଛି।

ନବରଙ୍ଗପୁର ଯୁବ କଂଗ୍ରେସ ସଭାପତି ସୁରଜ ଲାଲଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସୁରେନ୍ଦ୍ର ଓ ବାବୁଲାଙ୍କୁ ମାଝିଗୁଡା ଛକ ନିକଟରେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହା ପରେ ମଦର ଟେରସା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର କେକ କାଟି ସମ୍ବର୍ଦ୍ଧିତ କରିଥିଲେ। ଶାସ୍ତ୍ରୀ ଭବନ ନିକଟରେ ପହଞ୍ଚିବା ପରେ ଜିଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ, ବରିଷ୍ଠ ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ଜନଜାତି ମଞ୍ଚ କଷାଗୁମୁଡ଼ା ଶାଖା ସଭାପତି କୁସିଆ ମାଝି, କଟାଗାଁ ମଣ୍ଡେଇ କମିଟି ଅଧକ୍ଷ, କଂଗ୍ରେସ ନେତା ଲକ୍ଷ୍ମୀଧର ନାୟକ, ସୁରଜ ଲାଲ, ସମାଜିକ କର୍ମୀ ଶେଖ ରହିମ, ଜ୍ଞାନଦେ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ସୁରେନ୍ଦ୍ର ଓବାବୁଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ପୌରାଞ୍ଚଳ ବିକାଶ ନେଇ ୩ କୋଟି ୭୬ ଲକ୍ଷ



କାର୍ଯ୍ୟକ୍ରମରେ ଅତିଥି, ତାଲିମଦାତା ଓ ତାଲିମ ନେଇଥିବା ମହିଳାମାନେ।

**ମୁକ୍ତା ଯୋଜନାର ସଫଳ ରୂପାୟନ ନେଇ ଦିନିକିଆ ଦକ୍ଷତା ବିକାଶ ତାଲିମ**

ଉମରକୋଟ, ୩।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପରେ ମୁକ୍ତା ଯୋଜନାର ସଫଳ ରୂପାୟନ ନେଇ ମିଶନ ଶକ୍ତି ମହିଳାଙ୍କୁ ଏକ ଦିନିକିଆ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ପୌରାଧକ୍ଷା ରାଧା ଭତ୍ରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଉପାଧକ୍ଷ ସୁଧାଂଶୁ ଦାସ, ଉମରକୋଟ ବିଡିଓ ହିମାଞ୍ଚଳ ମାଝି, ପୌର ନିର୍ବାହୀ ଅଧିକାରୀ ରଷି ମାଝି ମୁକ୍ତା ଯୋଜନା ଉପରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୩ -୨୪ ମସିହା ପାଇଁ ମୁକ୍ତା ଯୋଜନାରେ ଉମରକୋଟ ପୌର ପରିଷଦରେ ୫୫ଟି ପ୍ରକଳ୍ପ ପାଇଁ ୩କୋଟି ୭୬ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ଏହି ଅର୍ଥକୁ ଡିସେମ୍ବର ସୁଦ୍ଧା କିପରି ସଫଳତାର ସହ ଖର୍ଚ୍ଚ କରାଯିବ ଓ ସମସ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ସେ ସମ୍ପର୍କରେ ମହିଳାମାନଙ୍କୁ ତାଲିମ ଦିଆଯାଇଛି। ଭୁବନେଶ୍ୱର ସୁଡାରୁ ମନମୋହନ ମହାରଣା ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ୍‌ସିଲର ଚିତ୍ତରଞ୍ଜନ ପାତ୍ର, ମୁନା ପାଣି, ମନୋଜ ନାୟକ, ଚିନ୍ମୟ ଠାକୁର, ଇତିଶ୍ରୀ ଦଳେଇ, ସରୋଜିନୀ ଶବର, ରେବାରାଣୀ ମଣ୍ଡଳ, ଶିଖାରାଣୀ ସରକାର, ନେତ୍ର ହରିଜନ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ତ୍ରିଲୋକ୍ୟ ନାଥ ବେହେରା, କାର୍ଯ୍ୟକାରୀ ବିଶେଷଜ୍ଞ ଶିବାନନ୍ଦ ମହନ୍ତ, ସିଟି ମିଶନ ପରିଚାଳକ ଅଭିଷେକ ମିଶ୍ର ଓ ପୌର ପରିଷଦ କର୍ମଚାରୀ ଉପସ୍ଥିତ ଥିଲେ।

## ଜଙ୍ଗଲ ନଷ୍ଟର ଅପକାରିତା ଛାତ୍ରୀଛାତ୍ରଙ୍କୁ ବୁଝାଇଲେ

ସେମିଳିଗୁଡା/ ସୁନାବେଡା, ୩।୭ (ବାସୁଦେବ ବରାଡ/ କୃତିବାସ ପ୍ରଧାନ)

ସେମିଳିଗୁଡା ବ୍ଲକ ଅନ୍ତର୍ଗତ ପାକଖୋଲା ପଞ୍ଚାୟତ ଉପରମାନିଆ ଗ୍ରାମର ଜୟ ପ୍ରକାଶ ଉଚ୍ଚବିଦ୍ୟାଳୟଠାରେ ୭୪ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେମିଳିଗୁଡା ବନାଞ୍ଚଳ ବନପାଳ ଡମ୍ବରୁ ମୁଦୁଲି, ଫରେଷ୍ଟ ଗାର୍ଡ ପୁଷ୍ପାଶ୍ରୀ ରଶ୍ମିଶ୍ରୀ, ଜୟଲଳିତା ମହାନ୍ତି, ୱାଇଲଡ ଲାଇଫ ସ୍କ୍ୱାର୍ଡର ସୁଜିତ ମହାନ୍ତି,ପାରା ଗାର୍ଡ ସୁଦନ୍ୟା ସେନାପତି, ବି. ଧରଣୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଏହାର ଅପକାରିତା ଓ ପ୍ରଭାବ କିଭଳି ମଣିଷ ଉପରେ ସିଧାସଳଖ ପଡିଥାଏ ସେନେଇ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ୧୦୦ରୁ ଊର୍ଦ୍ଧ୍ୱବିଭିନ୍ନ ରକମର ଚାରାରୋପଣ କରାଯାଇଥିଲା। ପ୍ରଧାନଶିକ୍ଷକ ଗତିକୃଷ୍ଣ ବାରିକ, ଅଶୋକ ପଟ୍ଟନାୟକ, ଚନ୍ଦ୍ରକାନ୍ତ ନାୟକ, ଚୈତନ୍ୟ ପ୍ରସାଦ ନାୟକ, ଚନ୍ଦ୍ରକାନ୍ତ ରଥ, ସିମାଞ୍ଚଳ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଖ୍ରୀଷ୍ଟିୟ ଦିବସ ପାଳିତ

ଦଶମନ୍ତପୁର, ୩।୭ (ଅରବିନ୍ଦ ନାୟକ )

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିଲିଗୁମା ପଞ୍ଚାୟତର ଗୌଡାଗୁଡା ଚର୍ଚ୍ଚ ଠାରେ ସୋମବାର ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କୁ ନେଇ ଜାତୀୟ ଖ୍ରୀଷ୍ଟିୟ ଦିବସ ପାଳିତ ହୋଇଯାଇଛି। ପାଷ୍ଟର ପ୍ରସନ୍ନ ଭତ୍ରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପ୍ରାର୍ଥନା ସଭା ହୋଇଥିଲା। ଅଜିତ୍ ବାଘ, ପ୍ରଦୀପ ଖୋସଲା ସହ ଅନ୍ୟମାନେ ଉପସ୍ଥିତ ଥିଲେ। ୨୦୨୧ ଜୁଲାଇ ୩କୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଜାତୀୟ ଖ୍ରୀଷ୍ଟିୟ ଦିବସ ଭାବେ ପାଳନ କରିବାକୁ କଲିକତା ଏବଂ ମାଡ୍ରାସଠାରେ ନିଷ୍ପତ୍ତି ନେଇଥିଲେ।

## ଫାଇଲ ତଳେ ଚାପି ହୋଇଗଲା ଜିଲାପାଳଙ୍କ ଅନୁମୋଦନ

**ପଦବୀ ପୂରଣ ନେଇ ବାହାରି ପାରୁନି ବିଜ୍ଞାପନ**

ନବରଙ୍ଗପୁର,୩।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଶିକ୍ଷା ବିଭାଗର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଉର୍ଦ୍ଦିଷ୍ଟ ପ୍ରଗ୍ରାମର ତଥା ଆକାଉଣ୍ଟାଣ୍ଟ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଛି। ୨୦୨୨ ମାର୍ଚ୍ଚ ୮ ତାରିଖ ଦିନ ଉକ୍ତ ପଦବୀରେ ଥିବା ତତ୍କାଳୀନ କର୍ମଚାରୀ ୧ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ପଦବୀ ପୂରଣ ପାଇଁ ରାଜ୍ୟ ମଧ୍ୟାହ୍ନ ଭୋଜନ ପରିଚାଳନା ବିଭାଗ (ଓସେପା) ଡିଇଓଙ୍କୁ ନିର୍ଦ୍ଦେଶ ଦେଲେ। ଏନେଇ ଡିଇଓ ନବରଙ୍ଗପୁର ଜିଲାପାଳଙ୍କ ନିକଟକୁ ପଦବୀ ପୂରଣ ସକାଶେ ବିଜ୍ଞାପନ ଜାରି କରିବାକୁ ଅନୁମୋଦନ ମାଗିଲେ। ଜିଲାପାଳ କମଳ ଲୋଚନ ମିଶ୍ର ୨୦୨୩ ଫେବୃଆରୀ ୨୨ ତାରିଖ ଦିନ ଅନୁମୋଦନ ପ୍ରଦାନ କଲେ। ତେବେ ଚିଠି ଫାଇଲ ତଳେ ଚାପି ହୋଇ ରହିଗଲା। ପଦବୀ ପୂରଣ ପାଇଁ ବିଜ୍ଞାପନ ବାହାରିଲା ନା ଉକ୍ତ ସ୍ଥାନରେ ସ୍ଥାୟୀ ନିଯୁକ୍ତି ହୋଇପାରିଲା। ଏବେ ଜିଲା ଶିକ୍ଷାଧିକାରୀ ଉକ୍ତ ବିଭାଗରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟରଙ୍କୁ ଡେପୁଟେଶନରେ ଆଣି କାମ କରାଉଛନ୍ତି। ୧୦ଟି ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ତଥ୍ୟ ଭିତ୍ତିକ କାର୍ଯ୍ୟ ଓ ଚାଉଳ ଯୋଗାଣ ଏଜେନ୍ସିକୁ ଅର୍ଥ ପ୍ରଦାନର ଭୂମିକା ନେଉଛନ୍ତି। ଅସ୍ଥାୟୀ ଓ ଛୋଟ କର୍ମଚାରୀଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଉଥିବାରୁ କର୍ମଚାରୀମାନେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ସେମାନେ ଏତେ ବଡ଼ ଦାୟିତ୍ୱ ନେବାକୁ ଅମଙ୍ଗ ଥିଲେ ମଧ ଜିଲାଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଭୟରେ ରହି କାମ କରୁଥିବା କହିଛନ୍ତି। ପ୍ରତିମାସରେ ଲକ୍ଷାଧିକ ଟଙ୍କାର କାରବାର ଏହି ବିଭାଗ ଦ୍ୱାରା ହେଉଥିବାରୁ ଅସ୍ଥାୟୀ କର୍ମଚାରୀଙ୍କୁ ବିପଦକୁ ଠେଲି ଜିଲାଶିକ୍ଷା ଅଧିକାରୀ କିଛି ସ୍ୱାର୍ଥ ହାସଲ କରିବାକୁ ପ୍ରୟାସ କରୁଥିବା ଅଭିଯୋଗ ହେଉଛି । ଏନେଇ ଜିଲାଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ଗୋଟିଏ ପଦବୀ ପାଇଁ ବିଜ୍ଞାପନ ହେବାକୁ ଜିଲାପାଳ ଅନୁମୋଦନ କରିଛନ୍ତି। ମାସିକ ୨୧ ହଜାର ଟଙ୍କା ଓ ଗଣଶିକ୍ଷା ବିଭାଗର ଅନ୍ୟ ସରକାରୀ ଭତ୍ତା ପାଇବେ। ଏବେ ଅନ୍ୟ କର୍ମଚାରୀଙ୍କ ଦ୍ୱାରା କାମ ଚାଳିଛି। ଉକ୍ତ ପଦବୀ ପାଇଁ ଆଉଥରେ ସ୍ପଷ୍ଟିକରଣ ମାଗିବା ପରେ ବିଜ୍ଞାପନ କରିବା ବୋଲି କହିଛନ୍ତି।

# ପୌର ନିର୍ବାହୀ ଅଧିକାରୀଙ୍କୁ ଘେରିଲେ କାଉନ୍‌ସିଲର

- ପୌର କାର୍ଯ୍ୟାଳୟରେ ଚାଲିଥିବା ନୂତନ ଗୃହ କାମକୁ ବିରୋଧ
- କାର୍ଯ୍ୟାଳୟ ଭିତରେ ଥିବା ବଡ଼ ଗଛ କଟାଯାଇଥିବା ଅଭିଯୋଗ

ନବରଙ୍ଗପୁର,୩।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରସଂସ୍ଥାର କାଉନସିଲରମାନଙ୍କ ଅଜାଣତରେ ପୌର କାର୍ଯ୍ୟାଳୟ ପରିସରରେ ଅନ୍ୟ ଏକ ବିଭାଗର ନୂତନ ଗୃହ ନିର୍ମାଣ କରାଯାଉଛି। ଏହାକୁ ବିରୋଧ କରି ପୌର ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଟଙ୍କୁ ଘେରିଲେ ୱାର୍ଡ ସଭ୍ୟ।

ନବରଙ୍ଗପୁର ପୌର କାର୍ଯ୍ୟାଳୟ ପରିସରରେ ଥିବା ଦଶ ସେଣ୍ଟ ଜାଗା ମଧ୍ୟରେ ଅନ୍ୟ ଏକ ବିଭାଗର ନୂତନ ଗୃହ କାମ ପାଇଁ ଜମି ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରାଯାଉଛି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେହି ଜାଗା ପରିସର ଆସୁଥିବା ଏକ ବିରାଟ ଗଛକୁ କାଟି ଦିଆଯାଇଛି। ରବିବାର ଛୁଟି ଥିବାବେଳେ ଉକ୍ତ ଦିନ ଗଛ ଟିକୁ କାଟି ଦିଆଯାଇଛି। ନୂତନ କୋଠା ନିର୍ମାଣ କାମ ହେଉଥିବା ବେଳେ କାହିଁକି ଏ ନେଇ ସେମାନଙ୍କୁ ପୌର ନିର୍ବାହୀ ଅଧିକାରୀ ସୂଚନା ଦେଲେ ନାହିଁ ବୋଲି ପ୍ରଶ୍ନ କରି ତାଙ୍କୁ କାଉନ୍‌ସିଲରମାନେ ଘେରିଥିଲେ। ଏହି ସମୟରେ ପୌର ଉପାଧକ୍ଷା ସୌମ୍ୟା ମହାପାତ୍ର, ଅମିତ ପ୍ରଧାନ, ଶର୍ମିଷ୍ଠା ଦେଓଙ୍କ ସମେତ କେତେକ କାଉନସିଲରମାନେ ଉପସ୍ଥିତ ଥିଲେ। କେଉଁ ପରିସ୍ଥିତିରେ ସମସ୍ତଙ୍କୁ ଅନ୍ଧାରରେ ରଖି ନିର୍ବାହୀ ଅଧିକାରୀ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏ ନେଇ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଟଙ୍କୁ ପଚାରିବାରୁ ତାଙ୍କ ନିକଟରେ ମଧ କୌଣସି ସୂଚନା ନାହିଁ। କେଉଁ ବିଭାଗ ଉକ୍ତ କାର୍ଯ୍ୟ କରୁଛି ସେ ତାହା ସେ ଜାଣିନଥିବା କହିଛନ୍ତି। ଏଥିସହ ଘଟଣା ବାବଦରେ ଟାଉନ ଥାନାରେ ଏତଲା ଦେବେ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।



ପୌର ନିର୍ବାହୀ ଅଧିକାରୀଙ୍କ ସହ କାଉନ୍‌ସିଲରମାନେ ଆଲୋଚନା କରୁଛନ୍ତି।

# ଭଲରେ ହେଲାନି ମୌସୁମୀ ବର୍ଷା, ଚିନ୍ତାରେ ଚାଷୀ

ନନ୍ଦାହାଣ୍ଡି,୩।୭(ପ୍ରତୀପ ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ୧୧ ପଞ୍ଚାୟତର ଚାଷୀ ମୁଖ୍ୟତ ଧାନ ଓ ମକା ଚାଷ କରି ନିଜର ଜୀବନ ନିର୍ବାହ କରନ୍ତି। କିଛି ଦିନ ପୂର୍ବରୁ ମୌସୁମୀ ପ୍ରଭାବରେ ମଧ୍ୟମ ଧରଣର ବର୍ଷା ହୋଇଥିଲା। ଫଳରେ ଚାଷୀ ଜମିରେ ଧାନ ବୁଣି ତଳି ପକାଇଥିଲେ । ହଠାତ ବର୍ଷା ଉଭାନ ହେବାରୁ ଧାନ ଗଜା ଏବଂ ତଳି ଶୁଖିବାକୁ ଲାଗିଲାଣି। ଏହାକୁ ନେଇ ଚିନ୍ତାରେ ଚାଷୀ। ଜଳ ସେଚନର ଉପଯୁକ୍ତ ସୁବିଧା ନ ଥିବାରୁ ନଦୀ ନାଳ ନିକଟବର୍ତ୍ତୀ ଜମିର ଚାଷୀ ପାଣି ପମ୍ପ ଲଗାଇ କୌଣସି



ମତେ ଚାଷ କାମ କରୁଛନ୍ତି। ଜଳ ସେଚନର ସୁବିଧା ନଥିବା ଜମିରେ ଚାଷ କରିବାକୁ ନେଇ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ଚାଷ ପାଇଁ ଧାର କରଜ କରି ବିହନ ଏବଂ ଖତ କିଣିଥିଲେ ଚାଷୀ। ବର୍ଷା ଅଭାବରୁ ସେମାନେ ଏବେ ଚିନ୍ତାରେ। ମେଗା ଜଳ ପ୍ରକଳ୍ପ ଦ୍ୱାରା ଜଳ ସେଚନର ସୁବିଧା କେତେକ ଅଞ୍ଚଳକୁ କରାଯାଇଛି। କିନ୍ତୁ ବେଳେବେଳେ ଜଳ ଯୋଗାଣ ଠିକ୍‌ଭାବରେ ହୋଇ ପାରୁନଥିବା ଅଭିଯୋଗ କରୁଛନ୍ତି ଚାଷୀ। ମେଗା ଜଳ ପ୍ରକଳ୍ପରେ ଜଳ ସମସ୍ୟାକୁ ନେଇ ଅଭିଯୋଗ କରିବା ପାଇଁ କୌଣସି ଅଫିସର ପତ୍ତା ମିଳୁ ନଥିବା ବେଳେ କୌଣସି ଅଫିସରଙ୍କ ଠିକଣା କିମ୍ବା ମୋବାଇଲ ନମ୍ବର ମଧ ନ ଥିବା ଚାଷୀ କହିଛନ୍ତି। ମେଗା ପ୍ରକଳ୍ପର ଏହି ସବୁ ସମସ୍ୟା କୁ ଆଖି ଆଗରେ ରଖି ବିଗତ ଦିନରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇଥିଲେ ମଧ ଏହାର ସୁଫଳ ମିଳିନି।

# ସୀମାନ୍ତ ଗୋଲୁର, ଚାଟୁଆ ପଞ୍ଚାୟତ ପରିଦର୍ଶନ କଲେ ବିଧାୟକ

ନନ୍ଦପୁର, ୩।୭ (ଶଙ୍କର ପୂଜାରି)

ସୀମାନ୍ତ ଅଞ୍ଚଳରେ ଆନ୍ଧ୍ରର ଅନୁପ୍ରବେଶ ଓ ଲୋକଙ୍କୁ ବିଭିନ୍ନ ଯୋଜନା ମାଧମରେ ପ୍ରଲୋଭିତ କରି ନିଜ ଆଡକୁ ଆକୃଷ୍ଟ କରିବା ଓ ସୀମା ଡେଇଁ ନିଜର ଉପସ୍ଥିତି ଜାହିର କରିବା ନେଇ ବିଭିନ୍ନ ଗଣମାଧମରୁ ଜାଣିବା ପରେ ସୋମବାର ପଟାଙ୍ଗି ବିଧାୟକ ପୀତମ ପାଢୀ ନନ୍ଦପୁର ବ୍ଲକର ଗୋଲୁର ଓ ଚାଟୁଆ ପଞ୍ଚାୟତର ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଏହି ଅବସରରେ ସେ ଗ୍ରାମବାସୀଙ୍କ ସହ ଗ୍ରାମର ବିଭିନ୍ନ ସମସ୍ୟା, ଆନ୍ଧ୍ରର ପ୍ରଲୋଭନ ଓ ଓଡ଼ିଶା ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମେ ଗୋଲୁର ପଞ୍ଚାୟତର ବିବାଦୀୟ ରାଇପାହାଡ ଗ୍ରାମରେ ପହଞ୍ଚି ବିଧାୟକ ପାଢୀ ବାଲଡା ବନାଞ୍ଚଳ ଅଧିକାରୀ ବାଦଲ ମହାନ୍ତିଙ୍କ ଉପସ୍ଥିତିରେ ଆନ୍ଧ୍ର ଦ୍ୱାରା ନିର୍ମାଣ କରାଯାଉଥିବା ଆବାସ ଗୃହ, ଜଙ୍ଗଲ ଜମିପଟ୍ଟା, ଏମଜିଏନଆରଇଜିଏସ୍ କାର୍ଯ୍ୟ, ପାଣି, ବିଦ୍ୟୁତ୍ ଯୋଗାଣ, ଆଧାର, ରାଶନ କାର୍ଡ, ଭତ୍ତା, ଶିକ୍ଷା ପାଇଁ ସହାୟତା ଆନ୍ଧ୍ର ଯୋଗାଇ ଦେଉଥିବା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। ଗ୍ରାମବାସୀଙ୍କୁ ଆନ୍ଧ୍ରର ପ୍ରଲୋଭନ ଦେବାର କାରଣ ସମ୍ପର୍କରେ ବୁଝାଇ ସେଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ। ତେବେ ରାଇପାହାଡ ଗ୍ରାମବାସୀ ଆନ୍ଧ୍ର ସରକାରଙ୍କ ଯୋଜନା ଓ ଓଡ଼ିଶା ସରକାରଙ୍କ ଯୋଜନାର ଫରକ୍ ବିଧାୟକଙ୍କୁ ଅବଗତ କରାଇଥିଲେ। ସେଠାରୁ ସେ ଡୁମୁରିଗୁଡା ଗ୍ରାମ ଓ ଚାଟୁଆ ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ଗ୍ରାମ ପୁଲିକେଣ୍ଡା, ବାଙ୍କମାଝୋଲା, ପୋଗରା, ମଜାଗୁଡା ଆଦି ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସୀମାନ୍ତ ଗ୍ରାମଗୁଡିକରେ ସରକାରୀ ଯୋଜନା ଓ ପ୍ରଶାସନିକ ଅଧିକାରୀଙ୍କ ଅପହଞ୍ଚ ଯୋଗୁ ଲୋକେ ଅସୁବିଧାରେ ଜୀବନ ଯାପନ କରୁଥିବା ବିଷୟରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅବଗତ କରାଇବେ ବୋଲି କହିଛନ୍ତି। ଜିଲାପାଳ ଓ ରାଜ୍ୟର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୀମାବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେବେ ବୋଲି କହିଥିଲେ। ବିଧାୟକ ପାଢୀଙ୍କ ପରିଦର୍ଶନ ସମୟରେ ତାଙ୍କ ସହିତ ଏସଡିସି ଉପାଧକ୍ଷା ଲକ୍ଷ୍ମୀ ହନ୍ତାଳ, ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତ୍ତୁଲ, ଚାଟୁଆ ସମିତିସଭ୍ୟ କୃଷ୍ଣ ପାଙ୍ଗି, କାର୍ତ୍ତିକ ଖେମୁଣ୍ଡୁ, ଚାଟୁଆ ସରପଞ୍ଚ ମଣିମା ପାଙ୍ଗି, ଗୋଲୁର ନାଏବ ସରପଞ୍ଚ ସାବିତ୍ରୀ ବୁରୁଡି, ମୁନା ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।



ସୀମାନ୍ତର ଏକ ଗ୍ରାମରେ ବିଧାୟକ ବୁଲି ଦେଖୁଛନ୍ତି।

# ଯୋଜନାର ଫାଇଦା ଉଠାଇବାକୁ ପରାମର୍ଶ

**ଆବାସ ଯୋଜନା, ମୋ ଘର ସଚେତନତା କର୍ମଶାଳା**

- ତେନ୍ତୁଳିଖୁଣ୍ଟିରୁ ମାତ୍ର ୧୬୦ ଜଣ ମୋ ଘର ପାଇ ପଞ୍ଜୀକରଣ କରିଛନ୍ତି
- ଆବାସ ଘର କାମ ନିର୍ଦ୍ଧାରିତ ସମୟରେ ସାରି ପ୍ରୋତ୍ସାହାନ ରାଶି ନେବାକୁ ପରାମର୍ଶ

ତେନ୍ତୁଳିଖୁଣ୍ଟି, ୩।୭(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମୋ ଘର ଯୋଜନା ଓ ଆବାସ ଯୋଜନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଏଥିରେ ଯୋଗ ଦେଇଥିଲେ। ରାଜ୍ୟ ସରକାର ଆବାସ ଗୃହ ପାଇ ନ ଥିବା ପରିବାର ପାଇଁ ୫-ଟି ଅଧୀନରେ ମୋ ଘର ଯୋଜନା କରିଛନ୍ତି। ଉକ୍ତ ଯୋଜନା ରେ ଗୃହ ନିର୍ମାଣ ପାଇଁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି। ଏହି ଯୋଜନାର ଫାଇଦା ନେବାକୁ ଅନ୍‌ଲାଇନ ପଞ୍ଜୀକରଣ କରିବାକୁ ମୁଖ୍ୟ ଅତିଥି କହିଥିଲେ। ଋଣ ତତ୍କାଳ ଶୁଝିବାକୁ ପଡିବନି। ଧୀରେ ଧୀରେ ୧୦ ବର୍ଷ ମଧ୍ୟରେ ଶୁଝି ପାରିବେ ବୋଲି ବିଧାୟକ ପ୍ରଧାନୀ କହିଥିଲେ।

ତେନ୍ତୁଳିଖୁଣ୍ଟି ବ୍ଲକରେ ବର୍ତ୍ତମାନ ସୁଦ୍ଧା ପଞ୍ଜିକରଣ ନିରାଶାଜନକ ରହିଛି। ମାତ୍ର ୧୬୦ ଜଣ ମୋ ଘର ପାଇଁ ପଞ୍ଜିକରଣ କରିଥିବା ବିଡିଓ ମନୋଜ କୁମାର ପାଣିଗ୍ରାହୀ କହିଥିଲେ। ଆବାସ ଗୃହ ପାଇ ନ ଥିବା ଓ ଘର ଡିହ ପଟ୍ଟା ଥିବା ହିତାଧିକାରୀଙ୍କୁ ଆବେଦନ ପାଇଁ ପ୍ରୋତ୍ସାହିତ କରିବାକୁ ଉପସ୍ଥିତ ସରପଞ୍ଚ ସମିତି ସଭ୍ୟାସଭ୍ୟଙ୍କୁ କୁହାଯାଇଛି। ବ୍ଲକର ୭୦% ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଘର ତିଆରି ପ୍ରଥମ କିସ୍ତି ୪୦ ହଜାର ଟଙ୍କା ଜମା ହୋଇ ସାରିଛି। ହିତାଧିକାରୀ ତୁରନ୍ତ ଗୃହ ନିର୍ମାଣ ଆରମ୍ଭ କରି ରାଜ୍ୟ ସରକାର ଦେଉଥିବା ପ୍ରୋତ୍ସାହନ ରାଶି ନେବାକୁ କୁହାଯାଇଛି। ୪ ମାସରେ ଗୃହ ଘର କାମ ସାରିଥିବା ହିତାଧିକାରୀଙ୍କୁ ୨୦ ହଜାର ଓ ୬ମାସରେ ସାରିଲେ ରାଜ୍ୟ ସରକାର ୧୦ ହଜାର ଟଙ୍କା ଦେଉଛନ୍ତି। ତେଣୁ ଜଲଦି ଘର କାମ କରି ଉକ୍ତ ଟଙ୍କା ନେବାକୁ ପରାମର୍ଶ ଦିଆଯାଇଛି। ଠିକାଦାରଙ୍କୁ କାମ ନ ଦେଇ ନିଜେ ଘର ତିଆରି କରିବାକୁ ପରାମର୍ଶ ଦିଆଯାଇଛି। ଗୃହ ନିର୍ମାଣରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୩୭ ଦୈନିକ ମଜୁରୀ ହାରରେ ୯୫ ଦିନର ଅର୍ଥ ଦିଆଯାଉଛି। ସେହି ଅର୍ଥ ମଧ ଠିକ ରୂପେ ପାଇବା ପାଇଁ ପ୍ରକୃତ ଶ୍ରମିକ ଖାତାକୁ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ନିଳେନ୍ଦ୍ରୀ ନେକନ, ଉପାଧକ୍ଷ ରାଜେନ୍ଦ୍ର ବିଶୋୟୀ ଓ ଏବିଡିଓ କୃପାସିନ୍ଧୁ ନାୟକ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ, ବିଡିଓ ଏବଂ ଅନ୍ୟମାନେ।

